ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.95 Bhubaneswar Wednesday May 25 2022 | ୨୫ତମ ବର୍ଷ ସଂଖ୍ୟା-୯୫ ଭୁବନେଶ୍ୱର, ବୁଧବାର, ମଇ ୨୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ପୁରୀରେ ପୁଣି ଫୁଟିଲା ଗୁଳି, ଜଣେ ମୃତ



ପୁରୀ, ୨୪।୫(ପି.ଏନ): ପୁଣି ଅଶାନ୍ତ ହେଲା ପୁରୀ ସହର। ପୁଣି ଫୁଟିଲା ଗୁଳି। ଆଉ ଚାଲିଗଲା ଜଣଙ୍କ ଜୀବନ। ଆଜି ରାତି ପ୍ରାୟ ୯ଟା ବେଳେ ଘଟିଛି ଏହି ଘଟଣା।ମୃତକଙ୍କ ନାଁ ଶିବରାମ ପାତ୍ର। ତାଙ୍କ ଘର ସହରର ତଲୁଚ୍ଛ ସାହିରେ। ସେ ଜଣେ ବ୍ୟବସାୟୀ ଥିଲେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଜଣକୁ ଅଟକ ରଖିଛି ପୁଲିସ୍। ତା' ନାଁ ଚନ୍ଦନ ବାରିକ ବୋଲି ଜଣାପଡିଛି। ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାରୁ ଏହି ଗୁଳିମାଡ ହୋଇଥିବା ପୁରୀ ଏସ୍ ?ପି ସୂଚନା ଦେଇଛନ୍ତି। ଅଟକ ବ୍ୟକ୍ତିକୁ ପଚରାଉଚରା କରାଯାଉଥିବା ସେ କହିଛନ୍ତି।ପୁରୀ ଏମାର ମଠ ନିକଟ କାକୁଡ଼ିଖାଇ ଛକରେ ଏହି ଘଟଣା ଘଟିଛି। ଚନ୍ଦନ ଓ ଅନ୍ୟ ଜଣେ ବ୍ୟକ୍ତି ଶିବରାମଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଚନ୍ଦନ ହିଁ ଗୁଳି ଚଳାଇଥିଲା ବୋଲି କୁହାଯାଉଛି। ଘଟଣାସ୍ଥଳରେ ହିଁ ଶିବରାମଙ୍କ ମୃତ୍ୟୁ ଘଟିଥିଲା। ଶିବରାମ ତାଙ୍କ ବାଇକ୍ ?ରେ ବଡଦାଣ୍ଡ ଆଡକୁ ଯାଉଥିବା ବେଳେ ତାଙ୍କ ଉପରକୁ ଗୁଳି କରାଯାଇଥିଲା। ତାଙ୍କ ମୁଣ୍ଡରେ ଦୁଇଟି ଗୁଳି ବାଜିଛି। ତାଙ୍କର ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।ସିଂହଦ୍ୱାର ଥାନା ପୁଲିସ୍ ଶିବରାମଙ୍କୁ ଉଦ୍ଧାର କରି ପୁରୀ ଡାକ୍ତରଖାନାକୁ ପଠାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏହି ଘଟଣା ପରେ ପୁଲିସ୍ ସଙ୍ଗେ ସଙ୍ଗେ ଆକ୍ସନ ମୁଡ୍ ?କୁ ଆସିଥିଲା। ସହରର ବିଭିନ୍ନ ଥାନାକୁ ତୁରନ୍ତ ସୂଚନା ଦିଆଯାଇ ତ୍ୱରିତ ପଦକ୍ଷେପ ନିଆଯିବା ଯୋଗୁ ଜଣେ ଅଭିଯୁକ୍ତକୁ ଧରିବାରେ ପୁଲିସ୍ ସକ୍ଷମ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି।ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ମାର୍ଚ୍ଚ ୧୬ ତାରିଖରେ ପୁରୀରେ ଫୁଟିଥିଲା ଗୁଳି। ଏଥିରେ ଯାଇଥିଲା ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ। କୃଷ୍ଣଚନ୍ଦ୍ର ବାରବାଟୀ ଜାଗା ଘରେ ବସିଥିବା ବେଳେ ତାଙ୍କ ଉପରକୁ ତିନି ରାଉଣ୍ଡ ଫାୟାରିଂ କରାଯାଇଥିଲା। ଅତି ନିକଟରୁ ତାଙ୍କୁ ଗୁଳିମାଡ଼ କରାଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେତେବେଳକୁ ସେ ପ୍ରାଣ ହରାଇ ସାରିଥିଲେ। ଏହି ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଛି।

## ଏସସିବି ମେଡ଼ିକାଲରୁ ଗିରଫ ୫ ଦଲାଲ୍ କୋର୍ଟଚାଲାଣ

କଟକ, ୨୪।୫(ପି.ଏନ): କଟକ ଏସସିବି ମେଡିକାଲରେ ଦଲାଲି କରି ରୋଗୀଙ୍କ ଠାରୁ ଟଙ୍କା ଲୁଟୁଥିବା ମଞ୍ଜୁଶ୍ରୀ ସର୍ଭିସ ଏଜେନ୍ସିର ୫ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି କଟକ ମଙ୍ଗଳବାଗ ଥାନା ପୋଲିସ। ଆଇପିସିର ଧାରା ୪୨୦ ଓ ୩୪ ବଳରେ ଏମାନଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ନିକଟରୁ ଆଉଟଡୋର୍ ଟିକେଟ୍ ଓ ନଗଦ ୧୩୦୦ ଟଙ୍କା ଜବତ ହୋଇଛି। ଏହି ଦଲାଲ୍ ମାନେ ରୋଗୀଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଘରୋଇ ହସ୍ପିଟାଲକୁ ପଠାଇବା ସହ ରୋଗୀଙ୍କ ଟିକେଟ୍ କରାଇବା ନାମରେ ପ୍ରତି ରୋଗୀ ପିଛା ୫୦୦ ରୁ ୧୦୦୦ ଟଙ୍କା ଲୁଟୁଥିଲେ। ଗତକାଲି ପୋଲିସ ଏମାନଙ୍କୁ ଧରିଥିଲା। ଗିରଫ ପରେ ଆଜି ସମ୍ପୃକ୍ତ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# ବିଶାଖାପାଟଣା ମେଡିସିନ୍ କମ୍ପାନୀରେ ଚାକିରୀ ଦେବା ନାଁରେ ଠକେଇ

ଘସିପୁରା, ୨୪।୫(ପି.ଏନ): ଚାକିରୀ ଦେବା ନାମରେ ଜଣେ ଦଲାଲ ସକ୍ରିୟ ହୋଇଛନ୍ତି ଏବଂ କାମ ନ କଲେ ବନ୍ଧୁକର ଧମକ ଦେଉଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପରି ଘଟଣା ଘଟିଛି ଘସିପୁରା ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ। ଉକ୍ତ ଗ୍ରାମର ମାନସ ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ବିଶାଖାପାଟନା ଅଂଚଳର ଏକ ମେଡିସିନ କିମ୍ପାନୀରେ ଚାକିରୀ କରାଇ ଦେବ ବୋଲି କହି ରାମଚନ୍ଦ୍ରପୁର ଥାନା ବାଟୋ ଗ୍ରାମ ର ଓମ ପ୍ରକାଶ ଯେନା, ଚିନ୍ତାମଣି ଯେନା, ମିଥୁନ ଯେନା, ପ୍ରଶାନ୍ତ କୁମାର ଯେନା, ଦୀପକ କୁମାର ଯେନା ଗଣେଶ୍ୱର ଯେନା ରଞ୍ଜନ କୁମାର ଯେନା, ଦୁଃଖୀରାମ ଯେନା, ତପନ ଯେନା ,ସିପୁ ଯେନା, କାହ୍ନା ଯେନା, କାଳନ୍ଦି ଯେନା, ବିପିନ ଯେନା ଗଗନ ଯେନା, ପ୍ରଫୁଲ୍ଲ ଯେନା ,ପ୍ରଭାତ ଯେନା, ପ୍ରକାଶ ଯେନା ଙ୍କ ଠାରୁ ୫୦ ହଜାର ଟଙ୍କା ନେଇଥିଲେ। ଏମାନଙ୍କୁ ଚାକିରୀ କରାଇ ଦେବା ପାଇଁ ବିଶାଖାପାଟନା କୁ ନେଇଥିଲେ। ହେଲେ ସେମାନେ ପହଞ୍ଚିବା ପରେ ଜାଣିବାକୁ ପାଇଲେ ଯେ ଏହି ଚାକିରି ମେଡିସିନ କିମ୍ପାନୀରେ ନୁହେଁ ଏକ ଲୁହାଛଡ ତିଆରି ହେଉଥିବା କାରଖାନା ଏହା ଦେଖି ସେମାନେ କାମ କରିବା ପାଇଁ ମନା କରି ଦେଇଥିଲେ ହେଲେ ଉକ୍ତ ଡାଲାଲ ସେମାନଙ୍କୁ ଲୁହାଛଡ ତିଆରିକାରଖାନାରେ କାମ କରିବା ପାଇଁ ବାଧ୍ୟ କରିଥିଲେ ଏଥିରେ ଅମଙ୍ଗ ହେଲେ ବନ୍ଧୁକରେ ମାରିଦେବା ପାଇଁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ନିରାଶ ହୋଇ ବାଟୋ ଅଂଚଳର ପିଲାମାନେ ୪ ଦିନ କାମ କରିବା ପରେ ରାମଚନ୍ଦ୍ରପୁର ପୂର୍ବତନ ଥାନାଧିକାରୀ ବିଶ୍ୱଜିତ ବେହେରା ଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ପରେ ବିଶ୍ୱଜିତ ବେହେରା ବିଶାଖାପାଟନା ପୋଲିସ ସହିତ ଯୋଗସୂତ୍ର ରକ୍ଷା କରି ସେମାନ ଙ୍କୁ ବିଶାଖାପାଟନା ରୁ ମୁକୁଳାଇଛନ୍ତି। ଏଥି ସହିତ ବିଶ୍ୱଜିତ୍ ସେମାନଙ୍କୁ କଟକ ରୁ ଏକ ଗାଡି କରି ବାଟୋ ଗ୍ରାମକୁ ପଠାଇଥିବା ଜଣାପଡିଛି। ଏନେଇ ରାମଚନ୍ଦ୍ରପୁର ଥାନା ବାଟେ। ଯୁବକ ମାନେ ମାନସ ଆଚାର୍ଯ୍ୟ ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଗରିବ ଯୁବକ ମାନଙ୍କୁ ଚାକିରୀ ଦେବା ନାମରେ ଠକିବା ସହିତ କାମ ନ କଲେ ବାନ୍ଧୁକ ରେ ଧମକ ଦେଇଥିଲେ ଏହାକୁ ନେଇ ଯୁବକ ମାନେ ଭୟଭିତ ଥିବାବେଳେ ଦଲାଲ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବୀ କରିଛନ୍ତି।

## ୩୦୨ କେଜି ଗଞ୍ଜେଇ ଜବତ ୩ ଗିରଫ

ମାଲକାନଗିରି, ୨୪।୫(ପି.ଏନ)ମାଥିଲି ପୋଲିସ୍ ଟିମ୍ ବାହାଦୂରଗୁଡା ଛକ ନିକଟ ଜଙ୍ଗଲରେ ୧୨ ପ୍ୟାକେଟ୍ ଗଞ୍ଜେଇ ଧରି ଛିଡା ହୋଇଥିବା ୩ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିବାରେ ସଫଳ ହୋଇଛନ୍ତି। ସେମାନେ ଏହି ଗଞ୍ଜେଇ ଖଇରପୁଟ ବ୍ଲକ ବଡ଼ ଅଞ୍ଚଳରୁ କିଣି ଛତିଶଗଡ ରାଜ୍ୟ ଜଗଦଲପୁର ଅଞ୍ଚଳ କୁ ବିକ୍ରୀ ପାଇଁ ନେଉଥିଲେ। ପୋଲିସ୍ ସେମାନଙ୍କ ଠାରୁ ସମୁଦାୟ ୩୦୨ କେଜି ୪୦୦ ଗ୍ରାମ ଗଞ୍ଜେଇ,ଗୋଟିଏ ହିରୋ ସ୍ପ୍ଲେଣ୍ଡର ଇସମାର୍ଟ ମୋଟର, ନଗଦ ୬୮୦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମୁକୁନ୍ଦ ନାୟକ, କମଲୁ ନାୟକ ଉଭୟ ମୁଦୁଲିପଡ଼ା ଥାନା ଅନ୍ତର୍ଗତ ଚାପଲପଡା, ଓ ଓର୍କେଲ ଥାନା ତୁମୁର୍କୋଣ୍ଡା ଗ୍ରାମର ସୋମନାଥ ଖିଲା। ସମସ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଜି କୋର୍ଟ ପଠାଯାଇଥିବା ମାଥିଲି ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି। ଏନ ଡି ପି ଏସ ଅଧିନିୟମର ମାଥିଲି ଥାନା କେସ୍ ନଂ ୧୦୯, ୨୪.୦୫.୨୦୨୨, ୟୁ /ଏସ୍ ୨୦ (ବି) (୨) (ସି) ରେ ପଞ୍ଜିକୃତ କରାଯାଇଛି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗଞ୍ଜାମ, ୨୪।୫(ପି.ଏନ) ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମରେ ଆଜି ସକାଳେ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଗ୍ରାମ ନିକଟସ୍ଥ ଆମ୍ବ ତୋଟାରେ ଦେଖିବାକୁ ମିଳିଛି। ସେମାନେ ଆମ୍ବଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଆତ୍ମହତ୍ୟା କରିଥିବା ପ୍ରେମୀଯୁଗଳ ହେଲେ ସେହି ଗ୍ରାମର ସୋନୁ ବେହେରା (୧୮) ଓ ସୁନିତା ପ୍ରଧାନ (୧୮)। ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ ଉଭୟ ପରିବାର ସେମାନଙ୍କ ବିବାହକୁ ସ୍ୱିକୃତି ନଦେବା ଏବଂ ବିରୋଧ କରିବା ଫଳରେ ଦୁହେଁ ଏଭଳି ଚରମ ପଦକ୍ଷେପ ନେଇଥିବା ଜଣାପଡିଛି। ଖବର ପାଇ ଜରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକ ଦ୍ୱୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି।

# ମହାନଦୀର ଉଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ , ଛତିଶଗଡ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ମହାନଦୀ ବଂଚାଅ ଆନ୍ଦୋଳନର ଚିଠି

ଭୁବନେଶ୍ୱର, ୨୪।୫(ପି.ଏନ): ମହାନଦୀର ଉଦ୍ଧାର ପାଇଁ ଆଜି ଦେଶର ପ୍ରଧାନମନ୍ତ୍ରୀ ତଥା ଉଭୟ ଓଡ଼ିଶା ଓ ଛତିଶଗଡର ମୁଖ୍ୟମନ୍ତ୍ରୀ ଙ୍କୁ ଚିଠି ଲେଖିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଜଳପୁରୁଷ ରାଜେନ୍ଦ୍ର ସିଂଙ୍କ ସମେତ ମହାନଦୀ ବଞ୍ଚାଅ ଆନ୍ଦୋଳନର ରାଜ୍ୟ ନେତୃତ୍ୱ ମାନେ ଏହି ଚିଠି ଲେଖିଛନ୍ତି। ଚିଠିରେ କଲମା ବ୍ୟାରେଜ୍ ରୁ ଛତିଶଗଡ ଓଡ଼ିଶା ପଟକୁ ଆଦୌ ପାଣି ନଛାଡିବା କୁ ଦୁର୍ଭାଗ୍ୟ ଜଣକଉଲ୍ଲେଖ କରାଯାଇଛି। ପ୍ରତ୍ୟେକଟି ନଦୀ ର ପ୍ରାକୃତିକ ପ୍ରବାହ ଆବଶ୍ୟକତା କୁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଗୁରୁତ୍ୱ ଦିଆ ଯାଇଛି। ପ୍ରବାହ ବିନା ନଦୀ, ନଦୀ ନୁହଁ। ସେଥିପାଇଁ କୌଣସି ନଦୀରେ ଜଳ ବିକାଶ ପ୍ରକଳ୍ପ କଲାବେଳେ ନଦୀର ସର୍ବନିମ୍ନ ଜଳ ପ୍ରବାହ ଯେମିତି ଅକ୍ଷୁର୍ଣ୍ଣ ରହେ ସେଥି ପ୍ରତି ଗୁରୁତ୍ୱ ଦେବାପାଇଁ ଆଇନରେ ବ୍ୟବସ୍ଥା କରାଯାଇଛି। ପ୍ରଧାମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଲିଖିତ ଚିଠିରେ ମହାନଦୀ କୁ ବଞ୍ଚାଇ ରଖିବା ପାଇଁ ତାଙ୍କର ହସ୍ତକ୍ଷେପ ଲୋଡା ଯାଇଛି। ଛତିଶଗଡ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଲିଖିତ ଚିଠିରେ କଲମା ବ୍ୟରେଜର ୫ଟି ଗେଟ୍ କୁ ତୁରନ୍ତ ଖୋଲିବା ପାଇଁ ଅନୁରୋଧ କରାଯିବା ସହିତ ତାଙ୍କ ସହ ସାକ୍ଷାତ ପାଇଁ ସମୟ ମଗା ଯାଇଛି। ସେହିପରି ଓଡ଼ିଶା ମୁଖ୍ୟମନ୍ତ୍ରୀ ଙ୍କୁ ଚିଠିରେ ରାଜ୍ୟ ସରକାର ମହାନଦୀର ଜୀବନ ପ୍ରତି ଗୁରୁତ୍ୱ ନଦେବାକୁ କଡା ସମାଲୋଚନା କରାଯିବା ସହିତ ଛତିଶଗଡ ମୁଖ୍ୟମନ୍ତ୍ରୀ ଙ୍କ ସହିତ ତୁରନ୍ତ କଥାବାର୍ତ୍ତା କରି କଲମକ୍ଷ ବ୍ୟାରେଜ ର ଗେଟ ଖୋଲିବା ପାଇଁ ଅନୁରୋଧ କରାଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ ର ଆବାହକ ସୁଦର୍ଶନ ଦାସ ଏହି ଚିଠି ଉପରେ ପ୍ରଧାନମନ୍ତ୍ରୀ, ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ କଣ ପଦକ୍ଷେପ ନେଉଛନ୍ତି ତାକୁ ଅନୁଧାନ କରିବା ପରେ ସେମାନଙ୍କୁ ଭେଟି ମହାନଦୀ ର ଉଦ୍ଧାର ପାଇଁ ନିବେଦନ କରାଯିବ ବୋଲି କହିଛନ୍ତି।

## ୧ କେଜି ୯ ୦୦ଗ୍ରାମ ବଜ୍ରକାପ୍ତା ଖୋଳପା ଜବତ, ୨ ଗିରଫ

ମାଲକାନଗିରି, ୨୪।୫(ପି.ଏନ)ଗଞ୍ଜେଇ କାରବାର ରେ ସର୍ବଦା ଚର୍ଚ୍ଚା ରେ ରହୁଥିବା ମାଲକାନଗିରି ଜିଲ୍ଲା ରେ ଏବେ ବଜ୍ରକାପ୍ତା ଚୋରା କାରବାର କୁ ଧରିବାରେ ସଫଳ ହୋଇଛି ଓର୍କେଲ ପୋଲିସ। ସୋମବାର ସନ୍ଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ଚିତ୍ରକୋଣ୍ଡା ଏସଡିପିଓ ଅଂଶୁମାନ ଦ୍ୱିବେଦୀ ଙ୍କ ନିର୍ଦ୍ଦେଶ କ୍ରମେ ଓର୍କେଲ ଥାନା ଏସ ଆଇ ରାଜେଶ କୁମାର ସେଠି ଓ ବନ ବିଭାଗର ମିଳିତ ଭାବେ ଚିତାପାରୀ ଓ ଉସକାପଲ୍ଲୀ ରାସ୍ତାରେ ୨ ଜଣ ବଜ୍ରକାପ୍ତା ଖୋଳପା ଚାଲାଣ କାରୀ ଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧ କେଜି ୯ ୦୦ଗ୍ରାମ ର ବଜ୍ରକାପ୍ତା ଖୋଳପା ସହ ଗୋଟିଏ ମଟରସାଇକେଲ ଜବତ କରିବାରେ ସଫଳ ହୋଇଛନ୍ତି। ଗିରଫ ଦୁଇ ଜଣ ହେଲେ ଉସକାପାଲି ଗ୍ରାମର ଗଙ୍ଗା ମାଡକାମୀ ଓ ଇର୍ମା ସୋଡି। ବଜ୍ରକାପ୍ତା ଖୋଳପା କୁ ଅପରାଧୀ ମନେ ବେଆଇନ ଭାବେ ସଂଗ୍ରହ କରି ବାହାର ରାଜ୍ୟର ଗ୍ରାହକକୁ ଦେବାକୁ ଏକ ବାଇକ ଯୋଗେ ଯାଉଥିବା ସମୟରେ ମାଡି ବସିଥିଲା ପୋଲିସ ଓ ବନ ବିଭାଗ। ଜବତ ଖୋଳପା କୁ ପଡୋଶୀ ଛତିଶଗଡ଼ ଦେଇ ବାହାର ଦେଶକୁ ଚାଲାଣ କରିବାକୁ ଯୋଜନା ଚାଲିଥିବା ସନ୍ଦେହ କରୁଛି ଓର୍କେଲ ପୋଲିସ। ଜବତ ଖୋଳପା ଅନ୍ତର୍ଜାତୀୟ ବଜାରରେ ଲକ୍ଷାଧିକ ଟଙ୍କା ହେବ। ଗିରଫ ଦୁଇ ଜଣକୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଚଳନ୍ତା ଟ୍ରକ୍ ଆଗରେ ଯୁବକଙ୍କୁ ବାନ୍ଧିବା ଘଟଣା : ୧୫ ଦିନରେ ରିପୋର୍ଟ ଦେବାକୁ ଜଗତସିଂହପୁର ଏସ୍‌ପିଙ୍କୁ ଓଏଚ୍ଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୫(ପି.ଏନ): ପାରାଦୀପ ଅଞ୍ଚଳରେ କିଛି ଦିନ ପୂର୍ବରୁ ଏକ ଚଳନ୍ତା ଟ୍ରକ୍ ଆଗରେ ଜଣେ ଯୁବକଙ୍କୁ ମୋବାଇଲ୍ ଚୋରୀ ଅଭିଯୋଗରେ ବାନ୍ଧି ବଳପୂର୍ବକ ଜୋତାମାଳ ଝୁଲାଇବା ଭିଡିଓ ଉତୋଳନ କରିବା ସହ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଇଥିଲା। ଏହି ଘଟଣାରେ ଓଡ଼ିଶା ମାନବାଧିକାର କମିଶନ୍ (ଓଏଚ୍ଆରସି) ହସ୍ତକ୍ଷେପ କରିଛନ୍ତି। ଓଏଚ୍ଆରସି ନିଜ ଆଡୁ ମାମଲା ରୁଜୁ କରି କରିଛନ୍ତି। ଏଥିସହ ଜଗତସିଂହପୁର ଏସ୍‌ପିଙ୍କୁ ଘଟଣାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓଏଚ୍ଆରସି। ସାମାଜିକ ଗଣମାଧ୍ୟମରେ ସେୟାର ହୋଇଥିବା ଭିଡିଓରେ ଦେଖାଯାଉଛି ଯେ, ଜଣେ ଯୁବକଙ୍କ ବେକରେ ଜୋତାମାଳ ପିନ୍ଧାଯାଇଛି। ଦୁଇ ହାତକୁ ବାନ୍ଧି ଟ୍ରକ୍ ର ଇଞ୍ଜିନ ସମ୍ମୁଖରେ ଝୁଲାଇ ଦିଆଯାଇଛି। ଏଭଳି ଅବସ୍ଥାରେ ଟ୍ରକ୍ ଟି ଏକ ପୋଲ ଉପରେ ଗତି କରିବା ବେଳେ ଭିଡିଓ ସୁଟିଂ କରାଯାଇଛି। ଯେଉଁ ଟ୍ରକ୍ ରେ ଯୁବକଙ୍କୁ ବନ୍ଧା ଯାଇଛି, ଏହାର ଶେଷ ୪ଟି ନମ୍ବର ହେଉଛି ୦୧୯୨। ଏହି ଭିଡିଓ ପ୍ରସ୍ତୁତ କରିଥିବା ବ୍ୟକ୍ତି ଜଣକ କହୁଛନ୍ତି କି ପାରାଦୀପର ଭୂତମୁଣ୍ଡେଇ ବ୍ରିଜ ଉପରେ ଦେଇ ଟ୍ରକଟି ଯାଉଛି ଏବଂ ଲୋକଟି ମୋବାଇଲ ଚୋରି କରିଥିବାରୁ ତାକୁ ଏପରି ଦଣ୍ଡ ଦିଆଯାଇଛି।

# ଓଡିଶାରେ ଚିହ୍ନଟ ହେଲେଣି ୨୬ ଜଣ ଏଚଏମଏଫଡି ରୋଗୀ : ସମସ୍ତଙ୍କ ବୟସ ୯ ବର୍ଷରୁ କମ୍

ଭୁବନେଶ୍ୱର, ୨୪।୫(ପି.ଏନ): ଟମାଟୋ ଫ୍ଲୁ ବୋଲି କୁହାଯାଉଥିବା ହ୍ୟାଣ୍ଡ ଫୁଟ ଆଣ୍ଡ ମାଉଥ ଡିଜିଜର ୨୬ ରୋଗୀ ଓଡ଼ିଶାରେ ଚିହ୍ନଟ ହୋଇଛନ୍ତି। ଏ ରୋଗକୁ ଆମେ ଟମାଟୋ ଫ୍ଲୁ ନ କହି ଏଚଏମଏଫଡି କହିବା ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର।ସେ କହିଛନ୍ତି ଯେ ୩୬ ସନ୍ଦିଗ୍ଧ ଏଚଏମଏଫଡି ମାମଲାର ନମୁନା ଆରଏମଆରସି କୁ ପଠାଯାଇଥିଲା। ସେଥିମଧ୍ୟରୁ ୨୬ ଜଣ ପଜିଟିଭ ବାହାରିଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୧୯ ଜଣ, ଖୋର୍ଦ୍ଧା ଗ୍ରାମାଞ୍ଚଳରୁ ୨ଜଣ, ପୁରୀରୁ ୩ ଜଣ ଓ କଟକରୁ ୨ ଜଣ ଅଛନ୍ତି। ସମସ୍ତ ରୋଗୀ ୯ ବର୍ଷରୁ କମ ବୟସର। ସମସ୍ତେ ଭଲ ଅଛନ୍ତି। ସେମାନଙ୍କ ଉପରେ ଲୋକାଲ ସ୍ୱାସ୍ଥ୍ୟ ଟିମ୍ ନଜର ରଖିଛନ୍ତି। ପଜିଟିଭ ନମୁନାଗୁଡିକୁ ଜିନମ ସିକ୍ୱେନ୍ସିଂ ଲାଗି ଏନଆଇଭି ପୁନେକୁ ପଠାଯାଇଛି। କିଛିଦିନ ପୂର୍ବରୁ ଏ ରୋଗକୁ ସର୍ଭେଲାନ୍ସ ମଧ୍ୟକୁ ଆଣିବାକୁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଭାବକମାନଙ୍କୁ ପରାମର୍ଶ, ଜ୍ୱର ହେବା, ଭୋକ ନ ଲାଗିବା, ପାଟି ପାଖରେ ଘା ହେବା ଭଳି ଲକ୍ଷଣ ଦେଖାଦେଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ପିଲାର ହାଇଡ୍ରେସନ ମେଂଟେନ ରଖିବା। ଅଧିକ ଜଟିଳତା ଦେଖାଦେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏହି ରୋଗ ପୂର୍ବରୁ ଥିଲା।ରୋଗୀକୁ ଆଇସଲେସନରେ ରଖିଲେ ଜଣଙ୍କ ମଧ୍ୟରେ ସୀମିତ ରହିବ। ୩ ଦିନରେ ଭଲ ହୋଇପାରୁଛି ଏ ରୋଗ। ତେଣୁ ଏହାକୁ ନେଇ ଡରିବାର ନାହିଁ। ଏହାର ଚିକିତ୍ସା ପାଇଁ କୌଣସି ସ୍ୱତନ୍ତ୍ର ଔଷଧ ବା ଟୀକା ନାହିଁ। ଲକ୍ଷଣ ଅନୁସାରେ ଏହାର ଚିକିତ୍ସା କରାଯାଇଥାଏ। ଯେହେତୁ ରାଜ୍ୟରେ ଏଭଳି ରୋଗୀ ଚିହ୍ନଟ ହେଲେଣି ଆମେ ସତର୍କ ରହିବା ବୋଲି ସେ ପରାମର୍ଶ ଦେଇଛନ୍ତି।

## ଆଇପିଏସ୍ ସଞ୍ଜୟ କୁମାରଙ୍କୁ ନୂଆ ନିଯୁକ୍ତି

ଭୁବନେଶ୍ୱର, ୨୪।୫(ପି.ଏନ): ଆଇପିଏସ୍ ଅଧିକାରୀ ସଞ୍ଜୟ କୁମାରଙ୍କୁ ଏଡିଜି ଆଧୁନିକୀକରଣ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ସଞ୍ଜୟ କୁମାରଙ୍କୁ ଏହି ନିଯୁକ୍ତି ମିଳିଛି। ଏସମ୍ପର୍କରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସଞ୍ଜୟ କୁମାର ହେଉଛନ୍ତି ୧୯୯୭ ବ୍ୟାଚର ବରିଷ୍ଠ ଆଇପିଏସ ଅଫିସର।

# ସ୍କୁଲ ଭିତ୍ତିଭୂମିର ବିକଟାଳ ଚିତ୍ର: ୫୦,୨୫୬ଟି ସରକାରୀ ସ୍କୁଲରୁ ମାତ୍ର ୧,୪୨୮ରେ ଇଂଟରନେଟ୍ ସୁବିଧା



ଭୁବନେଶ୍ୱର, ୨୪।୫(ପି.ଏନ): ଦୀର୍ଘ ୨୨ବର୍ଷ ଧରି ରାଜ୍ୟରେ ବିଜେଡି ନେତୃତ୍ୱରେ ସ୍ଥିର ସରକାର ରହିଥିବା ସତ୍ତ୍ୱେ ଶିକ୍ଷା ଭିତ୍ତିଭୂମିରେ ସୁଧାର ଆସିପାରିନି। ରାଜ୍ୟରେ ମୋଟ ୫୦୨୫୬ଟି ସରକାରୀ ସ୍କୁଲ ଥିବାବେଳେ ସେଥିରୁ ମାତ୍ର ୨.୮୪% ଅର୍ଥାତ୍ ୧୪୨୮ଟି ସ୍କୁଲରେ କେବଳ ଇଂଟରନେଟ୍ ସୁବିଧା ରହିଛି। କରୋନା ମହାମାରୀ କାଳରେ ଅନଲାଇନରେ ପାଠପ ?। ଉପରେ ଗୁରୁତ୍ୱ ଦେଇଥିବା ରାଜ୍ୟ ସରକାରଙ୍କ ନିମନ୍ତେ ସ୍କୁଲଗୁଡିକରେ ଇଂଟରନେଟ ସୁବିଧାର ଏଭଳି ବିକଟାଳ ଚିତ୍ରକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଜାରି ୟୁନିଫାଏଡ ଡ୍ରିଷ୍ଟ୍ରିକ୍ଟ ଇନଫରମେସନ ସିଷ୍ଟମ ଫର ଏଜୁକେସନ ପ୍ଲସ(ୟୁଡିଆଇଏସଇ+)ର ୨୦୨୦-୨୧ ମସିହାର ରିପୋର୍ଟ ପଦାରେ ପକାଇଛି।ଏହି ରିପୋର୍ଟ ଅନୁସାରେ, ଓଡିଶାରେ ଥିବା ସବୁ ବର୍ଗର ମୋଟ ସ୍କୁଲ(୬୪,୧୮୫ଟି) ମଧ୍ୟରୁ ମାତ୍ର ୭.୨% ସ୍କୁଲରେ ଇଂଟରନେଟ ସଂଯୋଗ ରହିଛି। ସେଥିରୁ କେବଳ ସରକାରୀ ସ୍କୁଲ ମଧ୍ୟରୁ ମାତ୍ର ୨.୮୪% ସ୍କୁଲରେ ଇଂଟରନେଟ ସୁବିଧା ଥିବାବେଳେ ମୋଟ ୧୯.୭୪% ସ୍କୁଲରେ କମ୍ପ୍ୟୁଟର ସୁବିଧା ଅଛି। ପଞ୍ଜାବର ୯୯.୬%, ଦିଲ୍ଲୀର ୮୯.୭୯%, କେରଳର ୮୭.୨୧% ଓ ଗୁଜୁରାଟର ୭୨.୩୬% ସ୍କୁଲରେ ଇଂଟରନେଟ ସୁବିଧା ରହିଛି।ଇଂଟରନେଟ ବ୍ୟତୀତ ରାଜ୍ୟର ମୋଟ ୬୪୧୮୫ଟି ସ୍କୁଲ ମଧ୍ୟରୁ ୫୨,୧୭୩ଟି ସ୍କୁଲରେ ଇଲେକ୍ଟ୍ରିକ୍ ସୁବିଧା ଥିବାବେଳେ ସେଥିରୁ ୪୫,୪୯୩ଟି ସ୍କୁଲରେ ଏହି ସୁବିଧା କାମ କରୁଛି। ରାଜ୍ୟର ୯୬.୪୬% ସ୍କୁଲରେ ପାନୀୟ ଜଳ ସୁବିଧା ଥିବାବେଳେ ୯୦.୩୯% ଛାତ୍ରଙ୍କ ଶୌଚାଳୟ ଓ ୮୯.୬୭% ଛାତ୍ରୀଙ୍କ ଶୌଚାଳୟ କାର୍ଯ୍ୟକ୍ଷମ ରହିଛି।କେବଳ ସେତିକି ନୁହେଁ ଓଡିଶାରେ ସ୍କୁଲ ସଂଖ୍ୟା ମାତ୍ର ୬୪,୧୮୫ ଥିବାବେଳେ ମଧ୍ୟପ୍ରଦେଶରେ ସ୍କୁଲ ସଂଖ୍ୟା ୧,୩୩,୨୭୧ଟି, ଉତ୍ତରପ୍ରଦେଶରେ ୨ଲକ୍ଷ ୬୫ହଜାର ୯୯୧ଟି, ମହାରାଷ୍ଟ୍ରରେ ୧୦ଲକ୍ଷ ୧୦ହଜାର ୧୧୪ଟି ଓ ରାଜସ୍ଥାନରେ ୧ଲକ୍ଷ ୭ହଜାର ୩୭୬ଟି ସ୍କୁଲ ରହିଛି। ଓଡିଶାରେ ଥିବା ମୋଟ ୬୪୧୮୫ଟି ସ୍କୁଲ ମଧ୍ୟରୁ ୩୦୩୭୭ଟି ପ୍ରାଥମିକ, ୨୧୮୩୯ଟି ଉଚ୍ଚ ପ୍ରାଥମିକ, ୨୪୫୦ଟି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ଏ ସମସ୍ତ ସ୍କୁଲରେ ମୋଟ ୩ଲକ୍ଷ ୫୫ହଜାର ୯୭୪ଜଣ ସବୁବର୍ଗର ଶିକ୍ଷକ ଅଛନ୍ତି। ସେଥିରୁ ସରକାରୀ ସ୍କୁଲରେ ୨ଲକ୍ଷ ୩୩ହଜାର ୨୭୩ ଶିକ୍ଷକ ରହିଛନ୍ତି। ତେବେ ମଧ୍ୟପ୍ରଦେଶର ବିଭିନ୍ନ ସ୍କୁଲରେ ମୋଟ ୬.୦୮ଲକ୍ଷ(୩.୦୫ଲକ୍ଷ ଶିକ୍ଷକ ସରକାରୀ ସ୍କୁଲରେ), ମହାରାଷ୍ଟ୍ରରେ ୭.୬୬ଲକ୍ଷ( ସରକାରୀ ସ୍କୁଲରେ ୨.୪୯ଲକ୍ଷ), ଉତ୍ତରପ୍ରଦେଶରେ ୧୪.୮୭ଲକ୍ଷ(ସରକାରୀ ସ୍କୁଲରେ ୬.୨୩ଲକ୍ଷ ଶିକ୍ଷକ) ଏବେ କାର୍ଯ୍ୟରତ ଅଛନ୍ତି।ଓଡିଶାରେ ଛାତ୍ର ଓ ଶିକ୍ଷକ ଅନୁପାତ ପ୍ରାଥମିକ ସ୍କୁଲରେ ୧୬ ଥିବାବେଳେ ଉଚ୍ଚ ପ୍ରାଥମିକ ସ୍କୁଲରେ ୧୫, ମାଧ୍ୟମିକ ସ୍କୁଲରେ ୧୮ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ୬୨ ଅଛି। ଓଡିଶାର ପ୍ରାଥମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୯୭.୪ ପ୍ରତିଶତ ରହୁଥିବାବେଳେ ଉଚ୍ଚପ୍ରାଥମିକ ସ୍କୁଲରେ ୯୩.୨% ଏଲିମେଂଟାରୀରେ ୯୫.୨%, ମାଧ୍ୟମିକ ସ୍କୁଲରେ ୮୧.୫% ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ମାତ୍ର ୪୬.୪% ରହୁଛି। ଯଦିଓ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଶତ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ପଦୋନ୍ନତି ବାଧ୍ୟତାମୂଳକ ସୁବିଧା ରହିଛି। ତେବେ ଖୁସିର ବିଷୟ ଯେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଡ୍ରପଆଉଟ ଶୂନ ଥିବାବେଳେ ମାଧ୍ୟମିକ ସ୍କୁଲରେ ଡ୍ରପଆଉଟ ୧୬% ରହିଛି।କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟ ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଫାଇଭ-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲଗୁଡିକର ରୂପାନ୍ତରିତ କାର୍ଯ୍ୟ କରି ବାହାବା ନେବାରେ ଲାଗିଛନ୍ତି। ସ୍କୁଲଗୁଡିକରେ ବିଦ୍ୟୁତ ଓ ଇଂଟରନେଟ୍ ସୁବିଧା ନଥିବାବେଳେ ଏହି ଫାଇଭ-ଟି ଅନ୍ତର୍ଗତ ସ୍କୁଲ ରୂପାନ୍ତରଣ କାର୍ଯ୍ୟ କାହା ସ୍ୱାର୍ଥରେ ବୋଲି ସାଧାରଣରେ ଚର୍ଚ୍ଚା।

# ମଧ୍ୟାହ୍ନ ଭୋଜନରେ ପ୍ଲାଷ୍ଟିକ ଚାଉଳ !

କନ୍ଧମାଳ ,୨୪।୫(ପି.ଏନ): ପୋକରା ଚାଉଳ ପରେ ଏବେ ପୁଣି ପ୍ଲାଷ୍ଟିକ ଚାଉଳ। ତାହା ପୁଣି ମଧ୍ୟାହ୍ନ ଭୋଜନରେ। ଏ ହେଉଛି ମଧ୍ୟାହ୍ନ ଭୋଜନ ପାଇଁ ପିଲାଙ୍କୁ ଦିଆଯାଉଥିବା ଚାଉଳ। ଯେଉଁଥିରେ ପ୍ଲାଷ୍ଟିକ ଚାଉଳ ଥିବା ଅଭିଯୋଗ ହୋଇଛି। ଏଭଳି ଅପମିଶ୍ରିତ ଚାଉଳ ଖାଇଲେ କଣ ପିଲାଙ୍କୁ ପୌଷ୍ଟିକ ତତ୍ତ୍ୱ ମିଳିବ ? ଏଭଳି ଅପମିଶ୍ରିତ ଚାଉଳରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି କନ୍ଧମାଳରେ।କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଅପମିଶ୍ରିତ ଚାଉଳରେ ରୋଷେଇ କରାଯାଉଥିବା ଅଭିଯୋଗ ଆସିଛି। ଯାହାକୁ ନେଇ ଅଭିଭାବକ ମହଲରେ ଦେଖିବାକୁ ମିଳିଛି ଅସନ୍ତୋଷ। ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଜଣଙ୍କ ପିଛା ଶହେ ଗ୍ରାମ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଜଣଙ୍କ ପିଛା ୧୫୦ ଗ୍ରାମ ଚାଉଳ ଦେବାକୁ ନିର୍ଦ୍ଦେଶ ରହିଛି। ଏଭଳି ସ୍ଥିତିରେ ଅପମିଶ୍ରିତ ଚାଉଳ ରୋଷେଇ କରାଯାଉଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଏନେଇ ଯୁଗାପଦର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ନାୟକଙ୍କୁ ପଚାରିବାରୁ ଯେଉଁ ଚାଉଳ ଆସିଛି ତାହା ରୋଷେଇ କରାଯାଉଛି, ଯେଉଁ ଅଭିଯୋଗ ଆସିଛି ଏନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ। ସେପଟେ ଘଟଣା ସମ୍ପର୍କରେ କ.ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତନ୍ୟ କହଁର କହିଛନ୍ତି ଯେ ଏନେଇ ଆମ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଆପଣଙ୍କ ନିକଟରୁ ଆମେ ଶୁଣିବାକୁ ପାଇଲୁ। ଏଥିରେ ଆମର କୌଣସି ଭୁଲ୍ ନାହିଁ। ଯୋଗାଣ ବିଭାଗ ପକ୍ଷରୁ ଯେଉଁ ଚାଉଳ ଆସିଛି ଆମେ ତାହା ପିଲାଙ୍କୁ ଦେଉଛୁ। ଅଭିଯୋଗ ପ୍ରକାରେ ଘଟଣା ସମ୍ପର୍କରେ ଆମେ ଆମ ଉପସ୍ଥିତି ଅଧିକାରୀଙ୍କୁ ଜଣାଇବୁ ଏବଂ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି। ଅନ୍ୟପଟେ ପୂର୍ବରୁ ଏମିତି ପୋକରା ଚାଉଳ ମଧ୍ୟ ମିଳିଛି ଏବେ ପୁଣି ଅପମିଶ୍ରିତ ଚାଉଳ। ଏଣୁ ଯଥାଶୀଘ୍ର ଭଲ ଉନ୍ନତମାନର ଚାଉଳ ଯୋଗାଇ ଦେବାକୁ ଦାବି କରିଛନ୍ତି ଅଭିଭାବକ।

# ୨ ଦିନ ଯାଏଁ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୫(ପି.ଏନ): ରାଜ୍ୟରେ ଆସନ୍ତା ୨ ଦିନ ଯାଏଁ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ଓ ୨୬ରେ ଉତର ଓଡ଼ିଶା ଓ ଦକ୍ଷିଣ ଉପକୂଳବର୍ତୀ ଜିଲ୍ଲାରେ ବର୍ଷା ହେବା ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ୫୦ରୁ ୬୦ କିମି ବେଗରେ ପବନ ସହ ଘଡ଼ଘଡ଼ି ଓ ବର୍ଷା ସମ୍ଭାବନା ରହିଥିବା ପାଣିବାଗ ବିଭାଗ ସୂଚନା ଦେଇଛି। ଏହି ୬ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଦେବଗଡ଼ ଓ ଗଞ୍ଜାମ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ଓ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏହି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ସେହିପରି ୨୬ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମୟୁରଭଂଜ, ଢେଙ୍କାନାଳ , କନ୍ଧମାଳ ଓ ରାୟଗଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଦ୍ୱାରର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ଟୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍କାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟିଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁରଙ୍କ ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ସଂଗ୍ରାମୀ ସ୍ମୃତି ପୀଠ କୁହୁଡ଼ିଠାରେ ୯୨ ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଗତ ୨୧ ତାରିଖ ଦିନ ପାଳିତ ହୋଇଯାଇଛି। ଏହି ସମାରୋହରେ ସର୍ବପ୍ରଥମେ ପ୍ରତ୍ୟୁଷରୁ ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସଂଗ୍ରାମୀ ସ୍ମୃତିଶୀଳାଠାରୁ କୁହୁଡ଼ି ପର୍ଯ୍ୟନ୍ତ ଜାତୀୟ ସଂହତି ଓ ଏକତା ପଦଯାତ୍ରା ଆସିବା ପରେ କୁହୁଡ଼ି ସଂଗ୍ରାମୀ ପୀଠଠାରେ ଥିବା ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଂହତି ଶପଥପାଠ କରାଯାଇଥିଲା। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ସୋମନାଥ ପାତ୍ରଙ୍କ ସଭାପତିତ୍ୱ ଓ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଏହି ସ୍ମୃତି ଚାରଣ ସଭାରେ ଓଡ଼ିଶାର ବରେଣ୍ୟ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ୍ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ମୃତି ଚାରଣ କରିବା ସହ ଲବଣ ସତ୍ୟାଗ୍ରହ ଇତିହାସରେ ସଂଗ୍ରାମୀମାନଙ୍କର ଭୂମିକା ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଦ୍ୟାଳୟ ଓ ଗଣ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାସ, ବିଶିଷ୍ଟ ଶିକ୍ଷାବିତ୍ ତଥା ମାନ୍ୟବର ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଓ ସୂଚନା ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ପ୍ରେରିତ ବାର୍ତ୍ତା ପଠନ କରାଯାଇଥିଲା। ଗାନ୍ଧୀ ବିଚାରକ ତଥା ଲେଖକ, ସୁସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ଓ ଶ୍ରୀଯୁକ୍ତ ପ୍ରହଲ୍ଲାଦ ସିଂହ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଲବଣ ସତ୍ୟାଗ୍ରହ ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତୀ ବେହେରା, ଜଗତସିଂହପୁର ଲୋକସଭା ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ରବି ମଲ୍ଲିକ, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଆରତୀ ନାୟକ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ସମାଜସେବୀ ତଥା ଅସ୍ତରଙ୍ଗର ଯୁବନେତା ଦିବାକର ଛାଟୋଇ, କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ତହସିଲଦାର ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ, ସ୍ମୃତି କମିଟିର ସାଧାରଣ ସମ୍ପାଦକ ନିରଦ ବରଣ ମହାନ୍ତି, ପ୍ରମୁଖ ସ୍ମୃତି ଚାରଣ ସଭାରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ କୁହୁଡ଼ି ଲବଣ ସତ୍ୟାଗ୍ରହ ଇତିହାସର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ମୁଖ୍ୟ ସଂଯୋଜକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ଉପଦେଷ୍ଟା ଗୋଲକ ଚରଣ ମହାନ୍ତି, ପ୍ରମୋଦ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସ୍ମୃତି କମିଟିର ସଦସ୍ୟ ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ କର, ରବିନ୍ଦ୍ର କୁମାର ମହାନ୍ତି, ସତ୍ୟବ୍ରତ ଲେଙ୍କା, କ୍ଷୀରୋଦ ମହାନ୍ତି, ହୃଷିକେଶ ରାଉତ, ମହେଶ୍ୱର ନାୟକ, ଭୋଳାନାଥ ସ୍ୱାଇଁ, ସ୍ଥାନୀୟ ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ, ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ନାଏବ ସରପଞ୍ଚ ଅର୍ଜୁନ ମଲ୍ଲିକ, ପବିତ୍ର ସ୍ୱାଇଁ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ କୁହୁଡ଼ି ଗ୍ରାମବାସୀବୃନ୍ଦ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀ ନାରାୟଣ ରଥ, ଅନାଥ ବନ୍ଧୁ ମୁଦୁଲି ଓ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଓଡ଼ିଶାର ଆଞ୍ଚଳିକ କେନ୍ଦ୍ରଦ୍ୱାରା ଦେଶାତ୍ମବୋଧକ ଭଜନ, ବନ୍ଦେ ମା ତରମ୍ ଓ ରାମଧୂନ୍ ପରିବେଷଣ କରାଯାଇଥିଲା। ଏହି ଅବସରରେ ସଂଗ୍ରାମୀ ସ୍ମୃତି କମିଟି ତରଫରୁ ୬ଜଣ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀଙ୍କ ସୁଯୋଗ୍ୟ ଦାୟାଦମାନଙ୍କୁ ମରୋଣତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ସ୍ମୃତି କମିଟି ପକ୍ଷରୁ କୁହୁଡ଼ି ଲବଣ ସତ୍ୟାଗ୍ରହ ପୀଠର ସାମଗ୍ରୀକ ବିକାଶ ପାଇଁ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀ ଅମିୟ କୁମାର ପଟ୍ଟନାୟକ ଓଡ଼ିଶା ସରକାରଙ୍କ ସୁବିଚାର ପାଇଁ ୧୩ ଦଫା ସମ୍ବଳିତ ଏକ ଦାବୀପତ୍ର ସଭାମଞ୍ଚରେ ପଠନ କରିଥିଲେ।

# ଶଙ୍ଖଚିଲା ମା' ହିଙ୍ଗୁଳାଙ୍କ ଯଜ୍ଞ ଭସ୍ମ ବିସର୍ଜନ




ଯାଜପୁର (ପିଏନ୍): କୋରେଇ ବ୍ଲକ ଶଙ୍ଖଚିଲା ଗ୍ରାମର ମା' ହିଙ୍ଗୁଳା ଦେବୀଙ୍କ ୯୧ତମ ବାର୍ଷିକ ଯଜ୍ଞ ଉତ୍ସବ ଗତ ମାସ ୧୫ ତାରିଖରୁ ଆରମ୍ଭ ହୋଇ ୧୮ ରିଖରେ ପୂର୍ଣ୍ଣାହୂତି କରାଯାଇଥିଲା। ଗତ ମାସ ୨୩ ତାରିଖ ଶନିବାର ଯଜ୍ଞ ଭସ୍ମ ଦେବୀ ପୀଠ ଶଙ୍ଖଚିଲାରୁ ନାମ ସଂକୀର୍ତ୍ତନ, ଲହୁଡ଼ି ଖେଳ, ତେଲିଙ୍ଗି ବାଜା ସହିତ ଶହ ଶହ ନରନାରୀ ହରିବୋଲ ହୁଳ ହୁଳି, ଶଙ୍ଖ ଧ୍ୱନୀ ସହିତ ଏକ ଶୋଭାଯାତ୍ରାରେ ଗାନ୍ଧିଛକ, ହାବେଳି ବଜାର, ଦେବୀଗଡ଼ା ଘାଟ ଦେଇ ଦଶ୍ୱାଶ୍ୱମେଧ ପବିତ୍ର ଘାଟରେ ମୁଖ୍ୟ ପୂଜକ ଶ୍ରୀ ରବିନ୍ଦ୍ର କୁମାର ହୋତା ପ୍ରମୁଖ ପୂଜା ଅର୍ଚ୍ଚନା କରିବା ପରେ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ରାସ୍ତାରେ ଗଲା ବେଳେ ବହୁ ଶ୍ରଦ୍ଧାଳୁ ଶୋଭାଯାତ୍ରୀ କାରୀଙ୍କୁ ପାନୀୟ ସେବା ପ୍ରଦାନ କରିଥିଲେ। ବିସର୍ଜନ ପରେ ସମସ୍ତ ଭକ୍ତ ମା'ବିରଜା ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଶ୍ରୀ ବିରଜା ମଣ୍ଡଳ ତୈକ ବୈଶ୍ୟ ମହାସଭାର ସଭାପତି ପାଣ୍ଡବ ସାହୁ ଗାନ୍ଧୀ ଛକରେ ତାଙ୍କୁ ସ୍ୱାଗତ କରିବା ସହିତ ବିରଜାଙ୍କ ଦର୍ଶନ ପରେ ସମସ୍ତ ଭକ୍ତଙ୍କୁ ଥାଣ୍ଡା ପାନୀୟ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ (ବାବୁଲି), ଅନନ୍ତ ଚରଣ ମଲ୍ଲିକ, ବଳରାମ ସାହୁ, ବାଇଧର ନାୟକ, ଦଶରଥ ନାୟକ, ବିମ୍ବାଧର ସାହୁ, ପ୍ରଦ୍ୟୁମ୍ନ ସାହୁ, କୃଷ୍ଣଚନ୍ଦ୍ର ମହାକୁଳ ତତ୍‌ସହିତ କମିଟିର ସଭ୍ୟସଭ୍ୟାବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ଇସ୍କନ ମନ୍ଦିର ଆନୁକୂଲ୍ୟରେ ନଗର ଭ୍ରମଣ

ଯାଜପୁର (ପିଏନ୍): ଯାଜପୁର ସହର ଲାଖବିନ୍ଧ ସ୍ଥିତ ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ହରିଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ବାହାରି ଶ୍ରୀ ପ୍ରଭୂପାଦଙ୍କ ସ୍ମରଣ ତଥା ୟୁକ୍ରେନ ଯୁଦ୍ଧ ଓ କରୋନା ଦେଶରୁ ଅପସରିଯିବା ନିମନ୍ତେ ସହର ପରିକ୍ରମା କରିଥିଲେ। ବହୁ ଶ୍ରଦ୍ଧାଳୁ ଭକ୍ତ ଓ ନରନାରୀ ଯୋଗଦେଇ ହରିବୋଲ, ହୁଳହୁଳି ଓ ଶଙ୍ଖର ପ୍ରତିଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଉକ୍ତ ନଗର କିର୍ତ୍ତନ ଲାଖ ବିନ୍ଧା ଇସ୍କନ ମନ୍ଦିରରୁ ବାହାରି ମା'ବିରଜା ମନ୍ଦିର, ଅଠରନଳା, ଗରିଆପୁର, ମାର୍କେଟ ଛକ ଦେଇ ବରାହ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାରେ ପରିକ୍ରମା କଲା ବେଳେ ବହୁ ଶ୍ରଦ୍ଧାଳୁ ଇସ୍କର ଶୋଭାଯାତ୍ରୀ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଥଣ୍ଡା ପାନୀୟ ପ୍ରଦାନ କରିଥିଲେ। ଉକ୍ତ ସଂକୀର୍ତ୍ତନ ବରାହ ମନ୍ଦିରରେ ପହଞ୍ଚି ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପାଣ୍ଡବ ସାହୁ, ନରେଶ ଚନ୍ଦ୍ର ରାଉତ, ବିଶ୍ୱମୋହନ ପତି, ଭରତ ଚନ୍ଦ୍ର ସାହୁ, ସୁବୋଧ ଜେନା, ଶ୍ରୀଧର ଦାଶ, ବିଜୟ ନାୟକ, ଭଗବାନ ରଣା, ଜନାର୍ଦ୍ଦନ ନାୟକ, ଝରଣା ଦେହୁରୀ, ଉର୍ମିଳା ଧଳ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ସଭ୍ୟସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ପୂର୍ବତନ ଜୱାନ ଗୁରୁତର ଅସୁସ୍ଥ, ଧର୍ମପତ୍ନୀ ଜନତାଙ୍କୁ କଲେ ମିନତି



ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ବାଣକାଣ୍ଡ ଗ୍ରାମର ପୂର୍ବତନ ଯବାନ କ୍ଷୀରୋଦ କୁମାର ମିଶ୍ର ଏକ ସଡକ ଦୁର୍ଘଟଣାରେ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କ ଧର୍ମପତ୍ନୀ ସ୍ୱାଗତିକା ମିଶ୍ର ପ୍ରତ୍ୟେକ ନାଗରିକଙ୍କୁ ଆକୁଳ ନିବେଦନ କରିଛନ୍ତି ସାହାଯ୍ୟ ଓ ପ୍ରାର୍ଥନା କରିବା ପାଇଁ। ସେ କହିଛନ୍ତି ଭଗବାନ କାହାରି ଜଣକ ଡାକ ଶୁଣି ହେଲେ ତାଙ୍କ ସ୍ୱାମୀଙ୍କୁ ବଞ୍ଚାଇ ଦେବେ। ସୂଚନା ଅନୁସାରେ ଗତ ମାସ ୫ ତାରିଖରେ ଘଟଗାଁରୁ କେନ୍ଦୁଝର ଯାଉଥିଲେ କ୍ଷୀରୋଦ। ରାସ୍ତାରେ ଏକ ଫୋନ୍ କଲ ଆସିବାରୁ ରାସ୍ତାକଡରେ ଗାଡି ଛିଡା କରି ଫୋନ୍‌ରେ କଥା ହେଉଥିଲେ। ସେହି ସମୟରେ ଏକ ମଦ୍ୟପ ଟ୍ରକ୍ ଡ୍ରାଇଭର କ୍ଷୀରୋଦଙ୍କୁ ବାଡେଇ ଦେଇଥିଲା। ସେହିଦିନଠାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କ୍ଷୀରୋଦ ଚିକିତ୍ସିତ ହେଉଛନ୍ତି। ସେ ଆର୍ମିରେ ୧୦ ବର୍ଷ ଚାକିରୀ କରିଥିବା ବେଳେ ଦେହ ଅସୁସ୍ଥତା କାରଣରୁ ଚାକିରୀ ଛାଡିଦେଇଥିଲେ। ତେଣୁ ସେ ଏବେ ପେନସନ୍ ମଧ୍ୟ ପାଉନାହାଁନ୍ତି। ପାଖାପାଖି ଏକମାସ ଆଇସିୟୁରେ ରହିବାରୁ ଏବଂ ଅର୍ଥ ଅଭାବରୁ ତାଙ୍କ ପତ୍ନୀ ଅସହାୟ ହୋଇପଡିଛନ୍ତି। ତେଣୁ ସେ ପ୍ରତ୍ୟେକ ନାଗରିକଙ୍କୁ ନିବେଦନ କରିଛନ୍ତି ଯେ ସମସ୍ତେ ଭଗବାନଙ୍କ ନିକଟରେ ତାଙ୍କ ସ୍ୱାମୀଙ୍କ ଆରୋଗ୍ୟ ନିମନ୍ତେ ପ୍ରାର୍ଥନା କରିବାକୁ ଏବଂ ସକ୍ଷମ ଅନୁସାରେ କିଛି ଆର୍ଥିକ ସାହାଯ୍ୟ କରିବାକୁ। କ୍ଷୀରୋଦ ମିଶ୍ରଙ୍କ ଫୋନ୍ ପେ ନଂ ୯୦୭୮୨୭୯୪୪୧ରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଳବୀ: ନୀଳମଣି ରାଉତରାୟ





ପରାଧିନତାର କଳାବାଦଲ ପବିତ୍ର ଭାରତମାତାକୁ କରାୟତ କରିଥାଏ। ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ। ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ। ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱଳିତ। ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ। ଏହିପରି ଏକ ମୂହୁର୍ତ୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି। ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ। ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ। ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ। ୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ। ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା। ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ। ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ। ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ। ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା। ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ। ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ। ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ। ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ। ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ। ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ। ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ। ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ। ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବଁଚିବାର ସୁଯୋଗ। ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେକଲେ। ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା। ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା। ଚାରିଆଡେ ଚହଳ ପଡିଗଲା। ଟିକି ବିପ୍ଳବୀ ନୀଳମଣିର ଏ କାମ। ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା। ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ। ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ। ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ। ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍। ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତ୍ତା ନିର୍ବାଚନ କଲେ। ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ। ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ। ଗୋରା ଅଧକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ।

ସେ ସମୟରେ ଆଇନ କଲେଜ ରେଭେନ୍‌ସା କଲେଜରେ ଚାଲୁଥିଲା। ଆଇନ କଲେଜର ଅଧକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ। ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧକ୍ଷ ପଦରୁ ଇସ୍ତଫା ଦେଇଦେଲେ। ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ। ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ। ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା। ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା। ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା। ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ। ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ। ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ। ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା। ବହୁ ଛାତ୍ର ଗିରଫ ହେଲେ। ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧକ୍ଷ ପରୱାନ ଜାରି କଲେ। ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା। ରେଭେନ୍‌ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା। ବହୁ ଛାତ୍ର ଗିରଫ ହେଲେ। ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା। ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ। ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ। କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ।

ନୀଳମଣି ରେଭେନ୍‌ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ। ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ। ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ। ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ। ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ। ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତ୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ। ରାଜନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ। ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା। ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ। ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ। ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା। ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା। ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ। ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ। ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ। ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ। ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ। କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ। ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ- ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା। ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ। ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ। କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ। ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା। ସେ ଅସୁସ୍ଥ ହୋଇପଡିଲେ। ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ। ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ। ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା। ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ। ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍। ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଲଯୋଗେ କଲିକତା ଚାଲିଗଲେ। ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ। ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ। ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ। ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା। ସେ ଜଣେ ଟ୍ରଷ୍ଟି ରହିଲେ। ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ। ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ। ନଳିନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା। ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା। ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା। ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ। ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା। ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ। ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ। ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ। ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ। ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ। ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ। କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କରାଗଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ। ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ। ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ। ସେ ବିଧାୟକରୁ ସାଂସଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ। ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ। ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ। ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ।

**ଅକ୍ଷୟ କୁମାର ରାଉତ**
*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର,*
*ମୋ. ନଂ.: ୯୯୩୭୬୯୧୪୭୫*

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୨୫

# ବିଶ୍ୱ ଚାହେଁ ଶାନ୍ତି-ଯୁଦ୍ଧ ସର୍ବଦା ବିନାଶକାରୀ ହୋଇଥାଏ



ଯୁଦ୍ଧର ବିଭୀଷିକା ମଧ୍ୟରେ ସମଗ୍ର ବିଶ୍ୱ ଆଜି ଆତଙ୍କିତ। କେଉଁ ମୁହୂର୍ତ୍ତରେ ପୃଥିବୀପୃଷ୍ଠରୁ ମାନବ ଜାତି ଲୋପ ପାଇଯିବ, ଏକଥା କେହି କହିପାରିବେ ନାହିଁ। ସମଗ୍ର ବିଶ୍ୱରେ ଆଜି ଦେଖାଦେଇଛି ଦେଶ-ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଏବଂ ତଜ୍ଜନିତ ସଂଘର୍ଷ। ବର୍ତ୍ତମାନ ସମଗ୍ର ବିଶ୍ୱ ଦୁଇଟି ବିଶ୍ୱଯୁଦ୍ଧର ସାମ୍ନା କରିବା ପରେ ଏବେ ତୃତୀୟ ବିଶ୍ୱଯୁଦ୍ଧରଦ୍ୱାର ଦେଶରେ। ଜିଦ୍‌ଖୋର ରୁଷିଆ ତା'ର କାୟାବିସ୍ତାର କରିବା ପାଇଁ ଯେଉଁ ଭୟଙ୍କର ନରସଂହାର କରି ଚାଲିଛି ତା'ର ପ୍ରକୋପ ବିଶ୍ୱବାସୀଙ୍କୁ ଭୀତତ୍ରସ୍ତ କରିଦେଇଛି। ବର୍ତ୍ତମାନ ଏହା ଭୟଙ୍କର ହେବାରେ ଲାଗିଛି ଯାହା ଆଦୌ ଶୁଭଙ୍କରୀ ନୁହେଁ। ଏହି ଯୁଦ୍ଧକୁ ରୋକିବା ପାଇଁ ଇଣ୍ଟର ନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ୍ କହିଥିଲା ବେଳେ ରୁଷ ତାକୁ ମାନିବା ପାଇଁ ପ୍ରସ୍ତୁତ ନୁହେଁ। ଏହି ସଂହାରଲୀଳାକୁ ରୋକିବା ପାଇଁ ବିଭିନ୍ନ ଦେଶ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲେ ମଧ୍ୟ ତାହା ବର୍ତ୍ତମାନ ସୁଦ୍ଧା ଫଳପ୍ରଦ ହୋଇପାରିନାହିଁ। ଏହି ଯୁଦ୍ଧ ପାଇଁ ଉଭୟ ଦେଶ ନିଜ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଇତିହାସ ସାକ୍ଷୀ ଅତିତର ମହାଭାରତ ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ତା'ର ଫଳ କ'ଣ ହୋଇଥିଲା ଯାହା ସର୍ବଜନବିଦିତ। କ୍ଷମତା ଓ ମୋହର ବଶବର୍ତ୍ତୀ ହୋଇ ରୁଷିଆ ଚାହୁଁଛି ୟୁକ୍ରେନକୁ ତା'ର ହାତର ସଖୀ କଣ୍ଢେଇ କରି ନଚାଇବା ପାଇଁ, ଯାହା ୟୁକ୍ରେନ ପାଇଁ ଗ୍ରହଣୀୟ ନୁହେଁ। ଅତିତରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇ ବିପୁଳ ଧନଜୀବନ ନଷ୍ଟ କରିଛି। ଏବେବି ସେ ବିଭୀଷିକାମୟ କାହାଣୀ ମନେପଡିଗଲେ ରୋମ ଟାଙ୍କୁରୀ ଉଠେ। ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪ରେ ଆରମ୍ଭ ହୋଇ ୧୯୧୮ ପର୍ଯ୍ୟନ୍ତ ଲାଗି ରହିଥିଲା। ଅତିତର ସେ ଯୁଦ୍ଧର କାହାଣୀକୁ ମନେପକାଇ ସମଗ୍ର ବିଶ୍ୱବାସୀ ଭୟଭୀତ ହୋଇ ଯାଇଛନ୍ତି। ବର୍ତ୍ତମାନ ଏହି ଦୁଇ ଦେଶ ରୁଷିଆ ଓ ୟୁକ୍ରେନ ଯୁଦ୍ଧ ଅଭୂତପୂର୍ବ। ରୁଷ ଓ ୟୁକ୍ରେନ ମଧ୍ୟରେ ଆଗରୁ ତିକ୍ତତା ଥିଲା ଏବଂ ୨୦୧୪ ମସିହାରେ ହଠାତ୍ ୟୁକ୍ରେନର କ୍ରିମିଆ ଅଞ୍ଚଳକୁ ରୁଷ ନିଜ ଦଖଲକୁ ନେଇଯାଇଥିଲା। ସେତେବେଳେ ଏହାର ମିତ୍ରରାଷ୍ଟ୍ରମାନେ ମଧ୍ୟ କୌଣସି ପଦକ୍ଷେପ ନେବାପାଇଁ ସମର୍ଥ ହୋଇପାରି ନ ଥିଲେ। ସିରିୟା ରୁଷକୁ ସମର୍ଥନ କରୁଥିଲା ଏବଂ ୟୁକ୍ରେନର ଦୁଇଟି ଅଞ୍ଚଳ ଡନେସ୍କ ଓ ଲୁହନସ୍କକୁ ରୁଷ ସ୍ୱାଧୀନ ଘୋଷଣା କରିଥିଲା। ୟୁକ୍ରେନର ସାର୍ବଭୌମତ୍ୱ ଉପରେ ରୁଷ ହସ୍ତକ୍ଷେପ କରୁଥିବାରୁ ଆମେରିକା, ବ୍ରିଟେନ ପ୍ରଭୃତି ଦେଶ ରୁଷ ବିରୁଦ୍ଧରେ ଅନେକ କଟକଣା ଜାରି କରିଛନ୍ତି। ଏହି ଦୁଇ ଦେଶର ଯୁଦ୍ଧ ତୀବ୍ରରୁ ତୀବ୍ରତର ହେବାରେ ଲାଗିଛି ପଛେ ଥମିବାର ନାଁ ଧରୁନାହିଁ। ଫଳରେ ୟୁକ୍ରେନର ଲୋକମାନେ ନିଜର ସୁରକ୍ଷା ପାଇଁ ଅନ୍ୟ ପଡୋଶୀ ଦେଶ ଯାହା ପୋଲାଣ୍ଡ, ରୋମାନିଆ, ହଙ୍ଗେରୀ ଇତ୍ୟାଦି ପଡୋଶୀ ଦେଶର ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି। ଲକ୍ଷାଧିକ ଲୋକ ନିଜ ସହର ୟୁକ୍ରେନକୁ ଛାଡି ପଡୋଶୀ ଦେଶରେ ରହିବା ଖାଇବାରେ ଅସୁବିଧାର ସମ୍ମୁଖୀନ ହେବାସହ ପ୍ରବଳ ଥଣ୍ଡା ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ଓ ପରିବେଶ ମଧ୍ୟରେ ଜୀବନ ବିତାଉଛନ୍ତି। ଅନ୍ୟପକ୍ଷରେ ରୁଷର ଆକ୍ରମଣ ବେଳକୁ ବେଳ ତୀବ୍ର ହେବାରୁ ସାଧାରଣ ଲୋକ ମଧ୍ୟ ଏଥିରୁ ବାଦ ନପଡି ଶେଷକୁ ଅସ୍ତ୍ର ଧାରଣ କରିବା ପାଇଁ ବାଧ୍ୟ ହେବା ସହ ରୁଷ ବିରୁଦ୍ଧରେ ଯୁଦ୍ଧ କରିବାକୁ କମର କସିଲେଣି। ଫଳରେ ରୁଷ ସେମାନଙ୍କୁ ଧମକ୍ ଦେବାରେ ଲାଗିଛି। ଦୀର୍ଘ ୨୫ ଦିନରେ ପହଞ୍ଚିଲାଣି ଏହି ଯୁଦ୍ଧ, ରୁଷର ଧ୍ୱଂସର ତାଣ୍ଡବଲୀଳା ୟୁକ୍ରେନର ବଡ ବଡ ଅଟ୍ଟାଳିକାଗୁଡିକ ଧ୍ୱଂସକରି ମାଟିରେ ମିଶାଇଦେଇଛି। ଯୁଗେ ଯୁଗେ ମଣିଷ ଚାହେଁ ଶାନ୍ତି, ଯୁଦ୍ଧ ସମସ୍ୟାର ସମାଧାନର ମାର୍ଗ ନୁହେଁ। ଯୁଦ୍ଧ ବହୁ ଜନଜୀବନ ନଷ୍ଟ କରିବା ସହ ଅର୍ଥବ୍ୟବସ୍ଥାର ମଧ୍ୟ ହାନି ଘଟାଇଥାଏ, ଯାହା ଦେଶ ତଥା ସମାଜ ପାଇଁ ଶୁଭଙ୍କରୀ ନୁହେଁ। ଦେବଶିଶୁ ମଣିଷର ଜନ୍ମ ନୁହେଁ କେବଳ ଧ୍ୱଂସ ପାଇଁ। ପୁରାଣର ଇତିହାସ କହେ, ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧର କର୍ତ୍ତା ହୋଇ ମଧ୍ୟ ନିଜର ବଂଶକୁ ଧ୍ୱଂସରୁ ରକ୍ଷାକରିପାରି ନଥିଲେ ଏବଂ ପରିଶେଷରେ ନିଜେ ମଧ୍ୟ ଜଳସମାଧିରେ ଲୀନ ହୋଇଯାଇଥିଲେ। ଆରଣ୍ୟକ ସଭ୍ୟତାରୁ ଆରମ୍ଭ କରି ଆଣବିକ ସଭ୍ୟତା ପର୍ଯ୍ୟନ୍ତ ମଣିଷ ସଦାସର୍ବଦା ଶାନ୍ତି ଚାହିଁଥାଏ। ଶାନ୍ତି ହିଁ ମାନବ ଅନ୍ତରର ବାଣୀ। ମାତ୍ର ଶାନ୍ତି ସେତେବେଳେ ବିଡମ୍ବିତ ହୁଏ ଯେତେବେଳେ ହୁଏ ସ୍ୱାର୍ଥପ୍ରବଣ। ସ୍ୱାର୍ଥ ହିଁ ମଣିଷକୁ କରିଥାଏ ବର୍ବର ଯାହା ଆଜି ରୁଷିଆ ବର୍ବରତାର ଚରମସୀମାରେ ପହଞ୍ଚିବା ସହ ସମଗ୍ର ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧକୁ ଠେଲିଦେବା ପାଇଁ ତିଳେବି ସଙ୍କୋଚବୋଧ କରୁନି। ନିଜର କ୍ଷମତା ଓ ପ୍ରତିପତି ପାଇଁ ମଣିଷ ମନରେ ସ୍ୱାର୍ଥପର ଭାବର ଉଦ୍ରେକ ହୋଇଥାଏ, ଯାହା ଆଜି ରୁଷିଆର ହୋଇଛି। ଜାତୀୟ ସ୍ୱାର୍ଥ ନାମରେ ଜାତିବିଧ୍ୱଂସୀ ମନୋଭାବ ମଣିଷକୁ ଧ୍ୱଂସଗାମୀ କରୁଛି। ରୁଷିଆକୁ ମନେରଖିବାକୁ ହେବ ଯେ ଯେଉଁମାନେ ଅନ୍ୟକୁ ଧ୍ୱଂସ କରିବାକୁ ଚାହାନ୍ତି, ସେମାନେ ମଧ୍ୟ ଧ୍ୱଂସର କବଳରୁ ମୁକ୍ତିଲାଭ କରିପାରନ୍ତି ନାହିଁ।

ୟୁକ୍ରେନ ନିଜର ସାର୍ବଭୌମତା ବଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ରୁଷ ୟୁକ୍ରେନ ଉପରେ ଚଳାଇଥିବା ଧ୍ୱଂସାତ୍ମକ କାର୍ଯ୍ୟ ଅତି ଅନ୍ୟାୟ ବୋଲି ଜାତିସଂଘର ନିରାପତ୍ତା ପରିଷଦ ହୃଦୟଙ୍ଗମ କରିବା ସହ ଏହି ଯୁଦ୍ଧକୁ ଅତିଶୀଘ୍ର ସମାପନ କରିବା ସହ ମତଦେଇ କହିଛନ୍ତି, ଯଦି ଏହା ଏପରି ଚାଲେ, ତେବେ ସମଗ୍ର ଦେଶ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ କହିଲେ ଅତ୍ୟୁକ୍ତି ହେବନାହିଁ। ଉଦାହରଣ ଜାପାନର ହିରୋସୀମା ଓ ନାଗାସାକି। ବର୍ତ୍ତମାନ ସୁଦ୍ଧା ସେଠାରେ ଦୁବଟିଏ ଉଠିବାର ଦେଖିବାକୁ ମିଳୁନାହିଁ। ବିଶ୍ୱଜନମତକୁ ଶାନ୍ତିର ମହାଭାବରେ ଅନୁପ୍ରାଣିତ କରିବାକୁ ହେଲେ ସମସ୍ତଙ୍କ ହୃଦୟରେ ଶାନ୍ତିର ଭାବନାକୁ ଜାଗ୍ରତ କରିବା ନିତାନ୍ତ ଆବଶ୍ୟକ। ସଂକୀର୍ଣ୍ଣ ଜାତିଗତ ତଥା ଦେଶଗତ ଭାବଧାରାକୁ ଭୁଲି 'ବସୁଧୈବ କୁଟୁମ୍ବକମ୍' ନୀତିରେ ପରିଚାଳିତ ହେବାର ଆବଶ୍ୟକତା ରହିଛି। ଜଡବାଦୀ ସଭ୍ୟତା ଯୁଦ୍ଧଧ୍ୱସ୍ତ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିନପାରେ। ବରଂ ଏହା ମଣିଷର ଯୁଦ୍ଧ ପ୍ରବୃତ୍ତିକୁ ପ୍ରବଳତର କରିଥାଏ। ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ମତରେ- " Man is not body and mind , but he is the spirit." ତେଣୁ ବର୍ତ୍ତମାନ ରୁଷ ତାର ଜିଦ୍‌ଖୋର ମନୋଭାବକୁ ପରିହାର କରି ବିଶ୍ୱକୁ ତୃତୀୟ ଯୁଦ୍ଧର ଘନଘଟା ଭିତରକୁ ଠେଲି ନଦେଇ ଶାନ୍ତି ପ୍ରତିଷ୍ଠା ଦିଗରେ ଆଗୁସାର ହେବା ବୁଦ୍ଧିମାନର ଲକ୍ଷଣ। ଯାହାର ଅପେକ୍ଷାରେ ଆଜି ସମଗ୍ର ବିଶ୍ୱ।

-ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର, ଖୋରଧା,
ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

ବଦ୍‌ଗୁରୁଙ୍କୁ ପ୍ରତ୍ୟାଖ୍ୟାନ କରି ସଦ୍‌ଗୁରୁଙ୍କୁ ଆଶ୍ରା କଲେ ପ୍ରକୃତ ଜ୍ଞାନ ମିଳେ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ମୌଳିକ ସ୍ୱାସ୍ଥ୍ୟସେବାର ଉନ୍ନତି ହେଉନି କାହିଁକି ?

ଶରତ କୁମାର ରାଉତ



ଓଡ଼ିଶାରେ ମୌଳିକ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସରକାର ଆଦୌ ଧ୍ୟାନ ଦେଉନାହାନ୍ତି। ଡାଇରିଆ ଓ ମେଲେରିଆ ଭଳି ମାରାତ୍ମକ ସଂକ୍ରାମକ ରୋଗର ବ୍ୟାପକତା ହିଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତର ସଂଜ୍ଞା। ସଂକ୍ରାମକ ରୋଗର ନିୟନ୍ତ୍ରଣ ଓ ମୌଳିକ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଉପସ୍ୱାସ୍ଥ୍ୟ କେନ୍ଦ୍ରର ସୃଷ୍ଟି ହୋଇଛି। ଉପସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍‌ଚାର୍ଜ ଏଏନ୍‌ଏମ୍ (ମହିଳା ସ୍ୱାସ୍ଥ୍ୟକର୍ମୀ ବା ନର୍ସ)। ଏମାନେ ହେଉଛନ୍ତି ସ୍ୱାସ୍ଥ୍ୟ ବିଭାଗର ତୃଣମୂଳ ସ୍ତରୀୟ କର୍ମଚାରୀ। ପ୍ରାୟ ୧୯୨୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ଏଏନ୍‌ଏମ୍ ପଦବୀ। ଓଡ଼ିଶାରେ ଏହି ପଦବୀ କାର୍ଯ୍ୟକାରୀ ହୋଇଥିଲା ୧୯୫୫ରେ। ୧୯୭୧ ମସିହାରେ କେନ୍ଦ୍ର ସରକାର ଗ୍ରାମାଂଚଳ ସ୍ୱାସ୍ଥ୍ୟସେବା ଓ ପରିବାର ନିୟୋଜନ କାର୍ଯ୍ୟକ୍ରମ ନିଜ ହାତକୁ ନେବାପରେ ଏଲ୍‌ଏଚ୍‌ଭି, ବିଇଇ ଏବଂ ଏସ୍‌ଏ ପଦବୀ ସୃଷ୍ଟି କରାଯାଇଥିଲା। ଉପ-ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଖର୍ଚ୍ଚ ସହିତ ଏଏନ୍‌ଏମ୍ ଓ ଉପରୋକ୍ତ କର୍ମଚାରୀମାନଙ୍କର ବେତନ ଓ ବିଭିନ୍ନ ଭତା କେନ୍ଦ୍ର ସରକାର ବହନ କରିଥା'ନ୍ତି। ୧୯୮୯ରେ କେନ୍ଦ୍ର ସରକାର ଗ୍ରାମାଂଚଳ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ନାମରେ ଏକ ନୂତନ ପଦବୀ ସୃଷ୍ଟି କଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀର ଯୋଗ୍ୟତା ଏଏନ୍‌ଏମ୍‌ଙ୍କ ଯୋଗ୍ୟତା ଓ ବୈଷୟିକ ତାଲିମ୍ ସହିତ ପ୍ରାୟ ସମାନ ଥିବାରୁ ସେମାନଙ୍କୁ ସିଧା ମହିଳା ସ୍ୱାସ୍ଥ୍ୟକର୍ମୀ ପଦରେ ଅବସ୍ଥାପିତ କରାଗଲା। ଦେଶର ବିଭିନ୍ନ ରାଜ୍ୟ ସରକାରମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କ୍ୟାଡ଼ର୍ ରୁଲ୍ ନିଜ ରାଜ୍ୟରେ କାର୍ଯ୍ୟକାରୀ କଲେ। କିନ୍ତୁ ଓଡ଼ିଶା ସରକାର ଉକ୍ତ କ୍ୟାଡ଼ର୍ ରୁଲ୍‌କୁ କାର୍ଯ୍ୟକାରୀ କରୁନାହାନ୍ତି। କେବଳ କେନ୍ଦ୍ରୀୟ କ୍ୟାଡ଼ର୍ ରୁଲ୍ ଢାଂଚାରେ ଏଏନ୍‌ଏମ୍‌ମାନଙ୍କୁ ଏଲ୍‌ଏଚ୍‌ଭି (ସ୍ୱାସ୍ଥ୍ୟ ପରିଦର୍ଶିକା) ପଦକୁ ପଦୋନ୍ନତି ଦେଇ ଆସୁଛନ୍ତି। ଦେଶର ସମସ୍ତ ରାଜ୍ୟ ସ୍ୱାସ୍ଥ୍ୟଶିକ୍ଷା ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ସରକାର ମନୋମୁଖୀ କାର୍ଯ୍ୟ କରୁଛନ୍ତି।

ଏଏନ୍‌ଏମ୍ ହେଉଛନ୍ତି ଉନ୍ନତ ଓ ସୁସ୍ଥ ସମାଜ ଗଠନର ମେରୁଦଣ୍ଡ ତଥା ମୌଳିକ ସ୍ୱାସ୍ଥ୍ୟସେବାର ଆଲୋକବର୍ତ୍ତିକା। ସେମାନଙ୍କୁ ବାଦ୍ ଦେଇ ସୁସ୍ଥ ସମାଜ ଗଠନର ସ୍ୱପ୍ନ ଦେଖିବା ଏକ ପ୍ରହେଳିକା ମାତ୍ର। ଯଦି ମୌଳିକ ସ୍ୱାସ୍ଥ୍ୟସେବା ଉନ୍ନତ ଓ ସୁସ୍ଥ ନହୁଏ, ତେବେ ସମାଜ ଦୁର୍ବଳ ହୋଇଯିବ। ଆଜି ପର୍ଯ୍ୟନ୍ତ ଭାରତବର୍ଷରେ ମୌଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତନ ଦେଖାଯାଇଛି, ତାହା କେବଳ ଏଏନ୍‌ଏମ୍‌ଙ୍କ ଯୋଗୁ। କଥାରେ ଅଛି, ମା' ସୁସ୍ଥ ଓ ଶିକ୍ଷିତ ହେଲେ, ପିଲା ସୁସ୍ଥ ଓ ଶିକ୍ଷିତ ହୁଏ। ଠିକ୍ ସେହିପରି ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ ଏଏନ୍‌ଏମ୍‌ଙ୍କର କାର୍ଯ୍ୟଦକ୍ଷତା ଯୋଗୁ ଆମ ସମାଜରେ ସୁସ୍ଥ ସବଳ ପିଲା ଜନ୍ମ ନେଉଛନ୍ତି। କ୍ରମେ ନିରାପଦ ମାତୃତ୍ୱର ହାର ବଢ଼ି ଚାଲିଛି। ଯକ୍ଷ୍ମା, ମ୍ୟାଲେରିଆ ଭଳି ମାରାତ୍ମକ ସଂକ୍ରାମକ ରୋଗ ନିରାମୟ କ୍ଷେତ୍ରରେ ଏମାନଙ୍କର ସାଲିସ୍‌ବିହୀନ ଉଦ୍ୟମ ଯୋଗୁ ଏହି ରୋଗ ଏବେ ମୂଳୋତ୍ପାଟନ ଅବସ୍ଥାରେ ପହଂଚିଯାଇଛି। କେବଳ ଏଏନ୍‌ଏମ୍‌ଙ୍କ ପାଇଁ ଆଜି ଭାରତ ବିଶ୍ୱରେ ପୋଲିଓମୁକ୍ତ ଦେଶ ଭାବେ ପରିଚିତ। ଓଡ଼ିଶାରେ ଟୀକାକରଣ କାର୍ଯ୍ୟକ୍ରମକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫ୍ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମହିଳା ସ୍ୱାସ୍ଥ୍ୟକର୍ମୀ ବିଭାଗ ପକ୍ଷରୁ ପୁରସ୍କାର ପାଇବା କଥା। ସେମାନଙ୍କର ପରିଶ୍ରମ ଓ ନିଷ୍ଠା ଓଡ଼ିଶା ସରକାରଙ୍କୁ ବିଶ୍ୱଦରବାରରେ ପ୍ରଶଂସା ଆଣି ଦେଇଛି। ସେମାନଙ୍କର କାର୍ଯ୍ୟରୁ ଜଣାଯାଏ, ମା' ଓ ଶିଶୁ ମୃତ୍ୟୁହାର ହ୍ରାସ ସହିତ ଜନସଂଖ୍ୟା ନିୟନ୍ତ୍ରଣ ତଥା ପରିବାର କଲ୍ୟାଣ ପାଇଁ ଏଏନ୍‌ଏମ୍‌ମାନେ ତୃଣମୂଳ ସ୍ତରରେ ପ୍ରାଣମୂର୍ଚ୍ଛା କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ମାତ୍ର ଚାକିରି କ୍ଷେତ୍ରରେ ଏମାନେ ସବୁଠୁ ଅବହେଳିତ। କର୍ମକ୍ଷେତ୍ରରେ ଅସୁରକ୍ଷିତ, କାମ କରିବାର ପରିବେଶ ସୃଷ୍ଟି ନହେବା ଭଳି ବହୁବିଧ ସମସ୍ୟା ଦେଇ ସେମାନେ ଗତି କରୁଛନ୍ତି। ପ୍ରାୟ ୬୦ ବର୍ଷ ତଳୁ ଏମାନେ ସୁସ୍ଥ ସମାଜ ଗଠନ ପାଇଁ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କ ପାଇଁ ଉପଯୁକ୍ତ କ୍ୟାଡ଼ର୍ ତଥା ପଦୋନ୍ନତି ସୁବିଧା ନାହିଁ! ଯାହାଙ୍କ ପିଠି ଉପରେ ସରକାର ମୌଳିକ ସ୍ୱାସ୍ଥ୍ୟସେବାର ବୋଝ ଲଦି ଦେଇଛନ୍ତି, ସେମାନେ ନିଜେ ଯଦି ରୁଗ୍‌ଣ ହୋଇପଡ଼ନ୍ତି, ତେବେ ଏକ ସୁସ୍ଥ ସମାଜ କିପରି ଗଠିତ ହେବ? ଅନ୍ୟାନ୍ୟ ରାଜ୍ୟରେ ଏଏନ୍‌ଏମ୍‌ଙ୍କୁ ପର୍ଯ୍ୟାପ୍ତ ସୁବିଧା ଦିଆଯାଉଥିବା ବେଳେ ଓଡ଼ିଶା ସରକାର ସେମାନଙ୍କୁ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି କାହିଁକି? ସରକାର ଏମାନଙ୍କର ସମସ୍ୟା ସମାଧାନ ଦିଗରେ ଅଧିକ ତତ୍ପରତା ଦେଖାଇବା ଉଚିତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ମହାମାରୀ କରୋନାର ତାଣ୍ଡବ ସମୟରେ ମୁଖ୍ୟତଃ ନର୍ସମାନଙ୍କର ସେବାକୁ ସବୁ ମହଲରେ ଭୁରି ଭୁରି ପ୍ରଶଂସା କରାଯାଇଥିଲା। ତେବେ ମହାମାରୀର ତାଣ୍ଡବ ବେଳେ ନର୍ସମାନେ ନିଜ ଜୀବନକୁ ଖାତିର ନକରି ସାଧାରଣ ଲୋକଙ୍କୁ ଅକୁଣ୍ଠିତ ସେବା ଯୋଗାଇ ଥିବାରୁ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କୁ ପ୍ରଶଂସା କରିଛନ୍ତି।

ନର୍ସିଂ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ସମାଧାନ ଲକ୍ଷ୍ୟରେ ୨୦୧୩ରେ ସୃଷ୍ଟି ହୋଇଥିବା ନର୍ସିଂ ନିର୍ଦ୍ଦେଶାଳୟ ସେବିକାମାନଙ୍କ ପାଇଁ ମଙ୍ଗଳଦାୟକ ହୋଇପାରିନାହିଁ। ରାଜ୍ୟରେ କାର୍ଯ୍ୟରତ ଏଏନ୍‌ଏମ୍‌ଙ୍କ ପାଇଁ ସେବିକା ନିର୍ଦ୍ଦେଶାଳୟରେ କୌଣସି ପଦବୀ ସୃଷ୍ଟି କରାଯାଇନାହିଁ। ଏହାଦ୍ୱାରା ଗ୍ରାମାଂଚଳ ସ୍ୱାସ୍ଥ୍ୟସେବା ଯୋଗାଣରେ ବ୍ୟାହତ ହେଉଥିବା ଅଭିଯୋଗ ହୋଇଆସୁଛି। ତେବେ ବୃହତ୍ କ୍ୟାଡ଼ର ବିଶିଷ୍ଟ ଏଏନ୍‌ଏମ୍‌ମାନେ ଅବହେଳାର ଶିକାର ହେଉଥିବା ଦେଖାଯାଉଛି। ସେବିକାମାନଙ୍କ ଭୂମିକାକୁ ନେଇ ଅନ୍ତର୍ଜାତୀୟ ଓ ଜାତୀୟ ନର୍ସିଂ କାଉନ୍‌ସିଲ୍ ଢାଂଚାରେ ସେବିକା ନିର୍ଦ୍ଦେଶାଳୟରେ ପଦବୀ ସୃଷ୍ଟି କରାଯିବାର ଥିଲା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ବାସ୍ତବରେ ମୌଳିକ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ଏଏନ୍‌ଏମ୍‌ଙ୍କର ପଦୋନ୍ନତି ପଦବୀ ଭାବେ ପିଏଚ୍‌ଏନ୍, ବ୍ଲକ୍ ସ୍ତରରେ ଗୋଟିଏ ବ୍ଲକ୍ ନର୍ସିଂ ଅଫିସର୍, ଜିଲ୍ଲା ସ୍ତରରେ ଗୋଟିଏ ଚିଫ୍ ଡ଼ିଷ୍ଟ୍ରିକ୍ଟ ନର୍ସିଂ ଅଫିସର୍ ଓ ସେବିକା ନିର୍ଦ୍ଦେଶାଳୟରେ ଯୁଗ୍ମ ନିର୍ଦ୍ଦେଶିକା କିମ୍ବା ଉପ-ନିର୍ଦ୍ଦେଶିକା ପଦବୀ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଗ୍ରାମାଂଚଳ ସ୍ୱାସ୍ଥ୍ୟସେବାରେ ଅଭିଜ୍ଞ ଏଏନ୍‌ଏମ୍ ପଦୋନ୍ନତି ପାଇ ବ୍ଲକ୍, ଜିଲ୍ଲା ଓ ସେବିକା ନିର୍ଦ୍ଦେଶାଳୟରେ ନିଜର ଗ୍ରାମାଂଚଳ ସ୍ୱାସ୍ଥ୍ୟସେବା ଅନୁଭୂତି ଓ ଅଭିଜ୍ଞତାକୁ ବ୍ୟବହାର କରି ମୌଳିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୂତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

ନର୍ସିଂର ସବୁଠୁ ବୃହତ୍ କ୍ୟାଡ଼ର୍ ଏଏନ୍‌ଏମ୍ ଓ ଏଲ୍‌ଏଚ୍‌ଭିମାନଙ୍କୁ ଏଯାଏ ଏହି ନିର୍ଦ୍ଦେଶାଳୟରେ ସାମିଲ୍ କରାଯାଇନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୫ ଜୁଲାଇରେ ଏଏନ୍‌ଏମ୍‌ଙ୍କର ସ୍ୱତନ୍ତ୍ର କ୍ୟାଡ଼ର୍ ରୁଲ୍ ଲାଗୁ ହୋଇଥିବାରୁ ନିୟମାନୁଯାୟୀ ସେମାନେ ସେହିଦିନ ଠାରୁ ପଦୋନ୍ନତି ପଦବୀ (ଏଲ୍‌ଏଚ୍‌ଭି)ର ସୁବିଧା (ଆରଏସିପି) ପାଇବେ ବୋଲି ଅର୍ଥ ବିଭାଗ (ଚିଠି ନଂ.୨୨୧୫୨/ତା.୦୯.୦୮.୨୦୧୬) ସୂଚନା ଦେଇଥିଲା। ତେବେ ଏଥିପାଇଁ ଦାୟୀ କିଏ? ଏଏନ୍‌ଏମ୍ ନା ସରକାର? ଆର୍‌ଏସିପି ନିୟମ ଅନୁସାରେ ଏଏନ୍‌ଏମ୍ ଚାକିରିର ୧୦ ବର୍ଷ ପରେ ଏଲ୍‌ଏଚ୍‌ଭି ପଦବୀର ବେତନ ଓ ଗ୍ରେଡ୍ ପେ' ପାଇବାକୁ ହକ୍‌ଦାର। ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସମସ୍ତ ଯାଂଚ କରି ୨୦୧୩ରୁ ଏହା କାର୍ଯ୍ୟକାରୀ କଲା। ମାତ୍ର ୨୦୧୫ ଜୁଲାଇ ପୂର୍ବରୁ ପାଇଥିବା ଅର୍ଥ ଏଏନ୍‌ଏମ୍ ଙ୍କଠାରୁ ଆଦାୟ କରାଯିବାକୁ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ଏହା ସଂପୂର୍ଣ୍ଣ ଭାବରେ ଅଗଣତାନ୍ତ୍ରିକ ଓ ଉଦ୍ଦେଶ୍ୟପ୍ରଣୋଦିତ ଭଳି ମନେହେଉଛି। କାରଣ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏଏନ୍‌ଏମ୍‌ଙ୍କର କ୍ୟାଡ଼ର୍ ରୁଲ୍ ବିଭିନ୍ନ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶାରେ ଏହା କାହିଁକି ଲାଗୁ ହୋଇନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ସ୍ତରରେ କୌଣସି ପଦବୀ ସୃଷ୍ଟି ହେବା ସହିତ କ୍ୟାଡ଼ର୍ ରୁଲ୍ ଓ ଚାକିରି ସର୍ତ୍ତାବଳୀ ତିଆରି ହୋଇ କାର୍ଯ୍ୟକାରୀ ହୋଇଥାଏ। ସରକାରଙ୍କର ଏଭଳି ମନୋମୁଖୀ କାର୍ଯ୍ୟ ଅଗଣତାନ୍ତ୍ରିକ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା କୌଣସି ବ୍ୟକ୍ତିର ମର୍ଜିରେ ଚାଲିବା ଅନୁଚିତ। ହୁଏତ ସରକାରଙ୍କର ଏହା ଅସହିଷ୍ଣୁତା ହୋଇପାରେ। ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବ ତୁରନ୍ତ ଅବାଟରେ ଚାଲିଥିବା ସ୍ୱାସ୍ଥ୍ୟ ବିଭାଗକୁ ବାଟକୁ ଆଣିବା ଉଚିତ। ସରକାରୀ ନିୟମ କାର୍ଯ୍ୟକାରୀ ଉପରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ।

-ଓଡ଼ିଶା ନ୍ୟୁଜ ସର୍ଭିସ୍, ଭୁବନେଶ୍ୱର,
ମୋ-୯୩୩୭୩୬୯୪୪୮

# ସତ କେବେ ଲୁଚି ରହେନା !

ଗୋଲଖ ଚନ୍ଦ୍ର ଦାସ



ବିବେକ ଅଗ୍ନିହୋତ୍ରୀଙ୍କ ଚଳଚିତ୍ର 'କାଶ୍ମୀର ଫାଇଲ୍ସ'ରେ କାଶ୍ମୀର ହିନ୍ଦୁ ପଣ୍ଡିତଙ୍କୁ ବିସ୍ଥାପନ ଓ ତାଙ୍କ ଉପରେ ହୋଇଥିବା ନିର୍ମମ ଅତ୍ୟାଚାରର ବାସ୍ତବତାକୁ ଲୋକଙ୍କ ନିକଟରେ ଉପସ୍ଥାପନା କରାଯାଇଛି । ଏହି ଚଳଚିତ୍ରର ସ୍ୱତନ୍ତ୍ରତା ହେଉଛି ଅନେକ ବର୍ଷଧରି କାଶ୍ମୀର ପଣ୍ଡିତଙ୍କ ନରସଂହାର ବିଷୟରେ ବାମପନ୍ଥୀମାନେ ଯେଉଁ ଭୁଲ ତଥ୍ୟ ପ୍ରଚାର କରୁଥିଲେ ତାର ପର୍ଦାଫାସ ହୋଇଛି । ଘଟଣାର ନଗ୍ନ ସତ୍ୟତା ଲୋକଙ୍କ ନିକଟରେ ପହଁଚିଯାଇଛି ।

ଚଳଚିତ୍ର ଦେଖିସାରିବା ପରେ ଜନତାଙ୍କ ମନରେ ଏବେ ଅନେକ ପ୍ରଶ୍ନ ଉଙ୍କିମାରିଛି । କାଶ୍ମୀରରେ ହିନ୍ଦୁମାନଙ୍କର ବ୍ୟଥାକୁ କାହିଁକି ବର୍ଷ ବର୍ଷ ଧରି ଲୁଚାଇ ରଖାଯାଇଛି ? ଏହାପଛରେ ଥିବା ଉଦ୍ଦେଶ୍ୟ କ'ଣ? କାଶ୍ମୀରରେ ହିନ୍ଦୁମାନଙ୍କ ଉପରେ ଯେଉଁ ନରସଂହାର କାର୍ଯ୍ୟ କରାଯାଇଛି ଏହାପଛରେ ଆମେରିକା କି ପାକିସ୍ତାନର ଗୁପ୍ତଚର ସଂସ୍ଥାର ହାତ ନାହିଁ। ଏହି ଚଳଚିତ୍ର ଦେଖିବା ପରେ ସ୍ପଷ୍ଟ ହୋଇଯାଉଛି କାଶ୍ମୀର ପଣ୍ଡିତମାନେ ଖୁସିରେ କାଶ୍ମୀର ଛାଡି ଚାଲିଯାଇନାହାଁନ୍ତି । କାଶ୍ମୀରରେ ଜିହାଦିମାନଙ୍କର ତାଣ୍ଡବଲୀଳା, ମୁସଲମାନ କଟୋରପନ୍ଥୀଙ୍କ ଉନ୍ମାଦନା ଯୋଗୁଁ କାଶ୍ମୀର ପଣ୍ଡିତମାନେ ଭୀତତ୍ରସ୍ତ ହୋଇପଡିଥିଲେ । ଫଳସ୍ୱରୂପ ଋଷି କଶ୍ୟପଙ୍କ ତପଭୂମିରୁ ଲକ୍ଷ ଲକ୍ଷ ପଣ୍ଡିତ କାଶ୍ମୀରରୁ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ ।

କାଶ୍ମୀରର ବାସ୍ତବତା ଏବଂ ବାମପନ୍ଥୀଙ୍କ ବିଭ୍ରାନ୍ତିକର ପ୍ରଚାରର ପର୍ଦାଫାସ ହେବାପରେ ସମସ୍ତେ ଏବେ ଉତର ଚାହୁଁଛନ୍ତି ଏ ଘଟଣା ପାଇଁ ଦାୟୀ କିଏ ? କିପରି ଏହା ସମ୍ଭବ ହେଲା ? କେଉଁମାନେ କାଶ୍ମୀରରେ ଜିହାଦକୁ ସୁଯୋଗ ଦେଇଥିଲେ? ଅତ୍ୟନ୍ତ ନିର୍ମମ ଭାବରେ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ସହ ସେମାନଙ୍କର ରକ୍ତରେ ହୋଲି ଖେଳାଯାଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର କାହିଁକି ମୂକ ଦର୍ଶକ ସାଜିଥିଲେ? ଏହି ହୃଦୟବିଦାରକ ଘଟଣା ପାଇଁ କୌଣସି ରାଜନୈତିକ ଦଳ କାହିଁକି ମୁହଁ ଖୋଲିଲେ ନାହିଁ? କଣ ପାଇଁ ପାଇଁ ସେମାନେ ନୀରବଦ୍ରଷ୍ଟା ସାଜିଲେ? ନିଜକୁ ମାନବାଧିକାର କର୍ମୀ ରୂପେ ଚିତ୍ରଣ କରୁଥିବା ସଂଗଠନ ଓ ବ୍ୟକ୍ତିମାନେ କଣ ଏ ଘଟଣାକୁ ଦେଖି ପାରୁନଥିଲେ? ନା ଜାଣି ଅଜଣା ଥିଲେ? ନା କଟୋରପନ୍ଥୀ ମୁସଲମାନମାନଙ୍କର ଏଭଳି ଅମାନବୀୟ କାଣ୍ଡ ବିରୋଧରେ ମାନବବାଦୀମାନେ ସ୍ୱର ଉତୋଳନ କରି ନିଜର ଧର୍ମନିରପେକ୍ଷ ଛବିକୁ ନଷ୍ଟ କରିବାକୁ ଚାହୁଁ ନଥିଲେ? କାରଣ ପୀଡିତମାନେ ହିନ୍ଦୁ ଥିଲେ। ଆଜି ଆମକୁ ଏ ସମସ୍ତ ପ୍ରଶ୍ନର ଉତର ପାଇବା ପାଇଁ ହେଲେ କାଶ୍ମୀରର ପୃଷ୍ଠଭୂମିକୁ ବୁଝିବାକୁ ହେବ ଯେ, କାହିଁକି ହିନ୍ଦୁମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ହୋଇଥିଲା ଏବଂ ଇସଲାମ ଉଗ୍ରବାଦୀ ଓ ଜିହାଦିମାନଙ୍କ ପ୍ରତି ଘୃଣାଭାବ ସୃଷ୍ଟି ହୋଇନଥିଲା ।

୧୬ ଅଗଷ୍ଟ ୧୯୪୬ରେ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ଆହ୍ୱାନରେ ମୁସଲିମ ଲିଗର ସମର୍ଥକମାନେ କୋଲକାତା ରାସ୍ତାରେ ୩ଦିନ ଧରି ହିନ୍ଦୁଙ୍କର ନରସଂହାର କରିଚାଲିଥିଲେ । ସେ ସମୟର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ କୌଣସି ବିରୋଧ ନକରି ଜିନ୍ନାଙ୍କ ସମ୍ମୁଖରେ ନତଃମସ୍ତକ ହୋଇଯାଇଥିଲେ । ପରିଣାମସ୍ୱରୂପ ୧୫ ଅଗଷ୍ଟ ୧୯୪୭ରେ ଅଖଣ୍ଡ ଭାରତ ବିଭାଜିତ ହୋଇ ପାକିସ୍ତାନ ସୃଷ୍ଟି ହେଲା। ସେହି ବିଭାଜନର ବିଭୀଷିକା ଏବେ ବି ଜନତାଙ୍କ ମନରୁ ଯାଇନାହିଁ । ଏଥିରେ ପ୍ରାୟ ୧୪,୦୦୦୦୦ ଲୋକ ମୃତ୍ୟୁବରଣ କରିଥିଲେ । ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୦୦୦ ମହିଳାଙ୍କୁ ବଳାତ୍କାର କରାଯାଇଥିଲା । କରାଚୀ ରାସ୍ତାରେ ହିନ୍ଦୁ ମହିଳାମାନଙ୍କୁ ଉଲଗ୍ନ କରାଯାଇ ବୁଲାଯାଇଥିଲା । ଏହି ଘଟଣାରେ କେତେ କଣ ଶିଶୁ ଅନାଥ ହୋଇଗଲେ ତାର ହିସାବ ସରକାର ପ୍ରକାଶ କରିପାରିନାହାଁନ୍ତି ।

୧୯୪୬ରେ ଜାମ୍ମୁ-କାଶ୍ମୀରରେ ମୁସଲମାନମାନଙ୍କୁ ହିଂସା କରିବାକୁ ଉସୁକାଉଥିବା ଅଭିଯୋଗରେ ଶେଖ୍ ଅବଦୁଲ୍ଲାଙ୍କୁ ବନ୍ଦୀ କରି କାରାଗାରକୁ ପଠାଇବା ବଦଳରେ ଜବାହରଲାଲ ନେହେରୁ ତାଙ୍କୁ ମୁକ୍ତ କରିବା ପାଇଁ କାଶ୍ମୀରରେ ପହଁଚି ଯାଇଥିଲେ । ଶେଖ୍ ଅବଦୁଲ୍ଲାଙ୍କ ଏପରି କଟ୍ଟରବାଦୀ ମାନସିକତାକୁ ବିରୋଧ କରୁଥିବା କାଶ୍ମୀର ରାଜା ହରି ସିଂହଙ୍କୁ ନେହେରୁ ଗିରଫ କରିବାର ଯୋଜନା କରିଥିଲେ । ନିଜକୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ପ୍ରଥମ ପ୍ରଧାନମନ୍ତ୍ରୀ ବୋଲି ବିବେଚନା କରୁଥିବା ଜବାହରଲାଲ ନେହେରୁ ପ୍ରତିଶୋଧ-ପରାୟଣ ହୋଇ ଭାରତର ସାମରିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ ଥିବା କାଶ୍ମୀରକୁ ବାଜିରେ ଲଗାଇଦେଲେ । ୧୯୪୭ରେ ଯେତେବେଳେ ପାକିସ୍ତାନ ଆକ୍ରମଣ କରିବାର ଆଶଙ୍କା କରି କାଶ୍ମୀରର ରାଜା ହରି ସିଂ ଭାରତ ସହିତ ମିଶିବାକୁ ପ୍ରତିନିଧିଙ୍କ ସହିତ କଥାବାର୍ତା କରୁଥିଲେ, ସେ ସମୟରେ ନେହେରୁ ରୋକଠୋକ ଶୁଣାଇ ଦେଇଥିଲେ ଯେ ଯଦି କାଶ୍ମୀର ଭାରତରେ ବିଲୟ ହେବ ତେବେ ତାହା ହରି ସିଂଙ୍କ ମାଧ୍ୟମରେ ନୁହେଁ, ଶେଖ ଅବଦୁଲ୍ଲାଙ୍କ ମାଧ୍ୟମରେ ହିଁ ହେବ ।

ନେହେରୁଙ୍କ ଭୁଲ ନୀତି ଯୋଗୁଁ ଶେଖ ଅବଦୁଲା ପାଇଥିବା କ୍ଷମତାର ଅପବ୍ୟବହାର କରିଥିଲେ । ଧାରା ୩୭୦ ମାଧ୍ୟମରେ ସେ ସୁନିଶ୍ଚିତ ଥିଲେ ଯେ, କାଶ୍ମୀରରେ ଏକ ଇସଲାମିକ ଜିହାଦି ସରକାର ପ୍ରତିଷ୍ଠା ହୋଇପାରିବ। ନେହେରୁଙ୍କ ମୃତ୍ୟୁପରେ ଦିନକୁ ଦିନ କାଶ୍ମୀରରେ କଟ୍ଟରପନ୍ଥୀଙ୍କ ନିର୍ଯ୍ୟାତନା ବଢ଼ିବାକୁ ଲାଗିଲା । ଶେଖ୍ ଅବଦୁଲା ଓ କେନ୍ଦ୍ରର କଂଗ୍ରେସ ସରକାର ସେମାନଙ୍କ ବିରୋଧରେ ଘାଟିରେ କୌଣସି ପ୍ରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଫଳସ୍ୱରୂପ, କାଶ୍ମୀରରେ ଧାରା ୩୭୦ ମାଧ୍ୟମରେ ହୋଇଥିବା ଅଗ୍ନି ସଂଯୋଗ ହୁତୁ ହୁତୁ ହୋଇ ଜଳିବାକୁ ଆରମ୍ଭ କରିଥିଲା ।

କାଶ୍ମୀର ପଣ୍ଡିତମାନେ କାଶ୍ମୀର ଅଂଚଳରେ ମୂଳନିବାସୀ । ସ୍ୱାଧୀନତା ସମୟରେ କାଶ୍ମୀରରେ କାଶ୍ମୀର ପଣ୍ଡିତଙ୍କ ଜନସଂଖ୍ୟା ହ୍ରାସ ପାଇ ପ୍ରାୟ ୧୫ ପ୍ରତିଶତ ଥିଲା । କିନ୍ତୁ ଦଙ୍ଗା ଓ ଅତ୍ୟାଚାର ହେତୁ ୧୯୮୧ ମସିହା ବେଳକୁ ଏହି ଜନସଂଖ୍ୟା ୫ ପ୍ରତିଶତକୁ ଖସି ଆସିଥିଲା । ଏବଂ ୨୦୧୫ରେ ସରକାର କହିଥିଲେ ଯେ ବର୍ତମାନ ୮୦୮ ପରିବାରର ୩,୪୪୫ କାଶ୍ମୀର ପଣ୍ଡିତ କାଶ୍ମୀରରେ ଅଛନ୍ତି । ଏହା ସତ୍ୟ ଯେ, କାଶ୍ମୀର ପଣ୍ଡିତଙ୍କ ପଳାୟନ ୧୯ ଜାନୁଆରୀ ୧୯୯୦ରେ ଆରମ୍ଭ ହୋଇଥିଲା । କିନ୍ତୁ ଏହାଠାରୁ ବଡ ସତ୍ୟ ହେଉଛି ଏହି ପଳାୟନର ଷଡଯନ୍ତ୍ର ଏହାର ୧୦ ବର୍ଷ ପୂର୍ବରୁ ତିଆରି ହୋଇଥିଲା । ସେହି ୧୦ ବର୍ଷ ମଧ୍ୟରୁ ୯ ବର୍ଷ ୧୧ ମାସ ଦେଶରେ କଂଗ୍ରେସ ସରକାର ଥିଲା । ଏବେ କଂଗ୍ରେସ କହୁଛି ଏହି ନରସଂହାର ପାଇଁ ତାଙ୍କର ୯ ବର୍ଷ ୧୧ ମାସ ଦାୟୀ ନୁହେଁ, ମାତ୍ର ୧ ମାସର ବି.ପି. ସିଂହଙ୍କ ସରକାର ଦାୟୀ ।

୧୯୮୨ରୁ ପଳାୟନ ଆରମ୍ଭ ହୋଇଥିଲା । ଜାମ୍ମୁ-କାଶ୍ମୀର ଲିବରେସନ ଫ୍ରଂଟ ନାମକ ଏକ ଆତଙ୍କବାଦୀ ସଂଗଠନ ଜାମ୍ମୁକାଶ୍ମୀର ମୁସଲମାନମାନଙ୍କ ମନରେ ବିଷ ଭରିଦେଇ କହିଥିଲା, ଯେ ପର୍ଯ୍ୟନ୍ତ କାଶ୍ମୀର ପଣ୍ଡିତ କାଶ୍ମୀର ଛାଡି ନଯାଇଛନ୍ତି, ସେପର୍ଯ୍ୟନ୍ତ ତୁମର ହକ୍ ପାଇପାରିବ ନାହିଁ । ସେହି ସମୟରେ ଦେଶରେ ଇନ୍ଦିରା ଗାନ୍ଧୀଙ୍କର ସରକାର ଥିବା ବେଳେ ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଥିଲେ ନେସନାଲ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲ୍ଲା । ୩ ଫେବୃଆରୀ ୧୯୮୪ରେ ବ୍ରିଟେନରେ ଭାରତୀୟ କୂଟନୀତିଜ୍ଞ ରବିନ୍ଦ୍ର ମହାତ୍ରୋଙ୍କୁ ଜେକେଏଲ୍‌ଏଫ୍ ଆତଙ୍କବାଦୀ ମାନେ ଅପହରଣ କରି ନେଇ ହତ୍ୟା କରିଥିଲେ । ୧୧ ଫେବୃଆରୀ ୧୯୮୪ରେ ଆତଙ୍କବାଦୀ ମକବୁଲ ଭଟ୍ଟଙ୍କୁ ଦିଲ୍ଲୀର ତିହାର ଜେଲରେ ଫାଶୀ ଦିଆଯିବାରୁ କାଶ୍ମୀରରେ ଦଙ୍ଗା ସୃଷ୍ଟି ହୋଇ କାଶ୍ମୀର ପଣ୍ଡିତମାନଙ୍କୁ ଟାର୍ଗେଟ କରାଯାଇଥିଲା । ଏ ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ ଜାମ୍ମୁ-କାଶ୍ମୀରର ରାଜ୍ୟପାଳ ଜଗମୋହନ ମାଲହୋତ୍ରା ଫାରୁକଙ୍କୁ ହଟାଇ ଗୁଲାମ ମହମ୍ମଦ ଶାହାଙ୍କୁ ସରକାର ଗଠନ କରିବାକୁ ଦେଇଥିଲେ । ନିଉ ସିଭିଲ ସେକ୍ରେଟାରୀଏଟ ଅଂଚଳରେ ମୁସଲମାନ ମାନେ ନମାଜ କରିବା ପାଇଁ ଗୁଲାମ ମହମ୍ମଦ ଶାହାଙ୍କ ନିର୍ଦ୍ଦେଶରେ ଏକ ପୁରାତନ ମନ୍ଦିରକୁ ଭାଙ୍ଗି ମସଜିଦ୍ ତିଆରି କରିବାରୁ ଦକ୍ଷିଣ କାଶ୍ମୀରର ପଣ୍ଡିତମାନେ ବିରୋଧ କଲେ । ଯାହାଫଳରେ ଏହି ଦଙ୍ଗାରେ ପଣ୍ଡିତମାନଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଘରଦ୍ୱାର ପୋଡିଦିଆଗଲା । ୧୯୮୬ ମସିହାରେ ଯେଉଁ ବଡ ଦଙ୍ଗା ହେଲା, ସେହି ସମୟର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଚାହିଁଥିଲେ ଦୃଢ ପଦକ୍ଷେପ ନେଇ ଦଙ୍ଗାକୁ ବନ୍ଦ କରିଦେଇଥାନ୍ତେ କିନ୍ତୁ ସେ ସଂଖ୍ୟାଲଘୁ ତୁଷ୍ଟିକରଣ ରାଜନୀତିରେ ବ୍ୟସ୍ତ ରହି ଚର୍ଚ୍ଚିତ ଶାହାବାନୋ କେସ୍‌ରେ ସୁପ୍ରିମକୋର୍ଟର ନିଷ୍ପତ୍ତିକୁ ରଦ୍ଦ କରିବାକୁ କହିଥିଲେ । ଦିନକୁ ଦିନ କାଶ୍ମୀରରେ ପଣ୍ଡିତମାନଙ୍କ ଉପରେ ଅତ୍ୟାଚାର ବଢ଼ିବାକୁ ଲାଗିଲା । ରାଜ୍ୟପାଳ ଜଗମୋହନ କାଶ୍ମୀରର ଭୟଙ୍କର ପରିସ୍ଥିତି ସଂପର୍କରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନିକଟକୁ ୮ ଏପ୍ରିଲ ୧୯୮୯ ଓ ୧୪ ମେ' ୧୯୮୯ରେ ଦୁଇଟି ଚିଠି ଲେଖିଥିଲେ । ରାଜୀବ ଗାନ୍ଧୀ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ । ଏହାପରେ ଜଗମୋହନଙ୍କ କାର୍ଯ୍ୟକାଳ ଶେଷ ହୋଇ ଯାଇଥିଲା । ସେ ଦିଲ୍ଲୀ ଫେରି ଆସିଥିଲେ । ତାଙ୍କ ପରେ ରାଜ୍ୟପାଳ ଦାୟିତ୍ୱ ସମ୍ଭାଳିଥିଲେ କେ. ଭି. କ୍ରିଷ୍ଣାରାଓ । ଏ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ ଓ ଫାରୁକ୍ ଅବଦୁଲ୍ଲା ଥିଲେ ମୁଖ୍ୟମନ୍ତ୍ରୀ । ଏହି ସମୟ ବେଳକୁ କେନ୍ଦ୍ରରେ ରାଜନୈତିକ ଅସ୍ଥିରତା ଲାଗି ରହିଲା । ଦେଶରେ ତୁଷ୍ଟିକରଣ ରାଜନୀତି ବଢିବାକୁ ଲାଗିଲା । ରାଜନୈତିକ ଦଳର ନେତାଙ୍କ ନୀରବତା ଏବଂ ହୁରିୟାତ ନେତାଙ୍କ ପାକିସ୍ତାନ ସହିତ ମଧୁଚନ୍ଦ୍ରିକା ଭାରି ପଡିଲା । ସତେ ଯେପରି ଲାଗିଲା କାଶ୍ମୀର ଭାରତର ନୁହେଁ, ଭାରତ କାଶ୍ମୀରର । ୬୦ ଦଶକରେ ଶେଖ ଅବଦୁଲା ଯେଉଁ ମଂଜି ବୁଣିଥିଲେ ତାର ପ୍ରତିଫଳନ ମଧ୍ୟ ୯୦ ଦଶକରେ ହେଉଥାଏ । ୧୯୯୦ର ଶୀତର ଉପତ୍ୟକା ଜିହାଦର ଉତାପରେ ଜଳୁଥାଏ । ରାଜରାସ୍ତା ପଣ୍ଡିତଙ୍କ ରକ୍ତରେ ଲାଲ ହୋଇ ଯାଇଥାଏ । ରାଲିବ୍, ଗାଲିବ୍ ଓ ଚାଲିବ୍‌ର ନାରା କାଶ୍ମୀରର ଗଳିକନ୍ଦିରେ ପ୍ରତିଧ୍ୱନିତ ହେଉଥାଏ । ଝିଅ ବୋହୂମାନଙ୍କୁ ବଳାତ୍କାର କରାଯାଉଥାଏ । ଘଟଣାକ୍ରମରେ ଜଗମୋହନ ପୁଣି ଥରେ ରାଜ୍ୟପାଳ ହୋଇ ଆସିବା ବେଳକୁ ଫାରୁକ ଅବଦୁଲା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ କାଶ୍ମୀର ଛାଡି ଲଣ୍ଡନ ପଳାଇ ଯାଇଥିଲେ । ତେବେ ତାଙ୍କୁ ଆଜି ପର୍ଯ୍ୟନ୍ତ କେହି ବି ଜଣେ ପ୍ରଶ୍ନ କରିନାହାଁନ୍ତି ଯେ, ତାଙ୍କ ଇସ୍ତଫା ପରେ କାଶ୍ମୀର ପଣ୍ଡିତଙ୍କ ଉପରେ ଯୋଜନାବଦ୍ଧ ଭାବେ କିପରି ଆକ୍ରମଣ ହୋଇଥିଲା? କାଶ୍ମୀର ପଣ୍ଡିତଙ୍କ ଗଣହତ୍ୟା ସଂପର୍କରେ ଆଗରୁ ଜଣାଥିଲା ନା ନାହିଁ? କୁହାଯାଏ ଯେତେବେଳେ କାଶ୍ମୀର ଜଳୁଥିଲା ସେ ଲଣ୍ଡନରେ ଗ୍ଲୋଫ ଖେଳୁଥିଲେ । ପଣ୍ଡିତଙ୍କ ଉପରେ ହୋଇଥିବା ନରସଂହାର ବିରୋଧରେ ପାଟି ଖୋଲିବାକୁ କେହି ନଥିଲେ। କାରଣ ସେ ସମୟରେ ବାମପନ୍ଥୀଙ୍କ ମିଥ୍ୟାପ୍ରଚାର ଓ ତୁଷ୍ଟିକରଣ ରାଜନୀତି ସମସ୍ତଙ୍କ ମୁହଁ ବନ୍ଦ କରି ଦେଇଥିଲା । ଦେଶର ବୁଦ୍ଧିଜୀବୀ, ଉଦାରବାଦୀ ଏବଂ ବିରୋଧୀ ଦଳର ନେତାମାନଙ୍କ ଚକ୍ଷୁରୁ ଗୋପାଏ ଲୋତକ ଏ ଘଟଣା ପାଇଁ ଝରି ନଥିଲା । ବରଂ ମିଥ୍ୟା ଧର୍ମନିରପେକ୍ଷ ଆଳରେ ଏକପ୍ରକାର ଧାରଣା ସୃଷ୍ଟି କରାଯାଇଥିଲା ଯେ, ଯେଉଁମାନେ ବହୁସଂଖ୍ୟକ ସେମାନେ ପୀଡିତ ନୁହଁନ୍ତି, ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନେ କଦାପି ଭୁଲ କରିପାରିବେ ନାହିଁ । ସତ କେବେ ଲୁଚି ରହେନା । ଦିନେ ନା ଦିନେ ପରିପ୍ରକାଶ ହୁଏ । ଏବେ ଧାରା ୩୭୦ ଉଚ୍ଛେଦ ହୋଇଛି । କାଶ୍ମୀର ପଣ୍ଡିତମାନଙ୍କ ଉପରେ ହୋଇଥିବା ନିର୍ମମ ଅତ୍ୟାଚାରର ସତ୍ୟ ଘଟଣା ଆଜି ଆପଣଙ୍କ ସମ୍ମୁଖରେ । ବିବେକ ଅଗ୍ନିହୋତ୍ରୀଙ୍କ ଚଳଚିତ୍ର 'କାଶ୍ମୀର ଫାଇଲ୍ସ' ସମସ୍ତଙ୍କ ଆଖି ଖୋଲି ଦେଇଛି ଏବଂ ଦେଶରେ ଏକ ଜାତୀୟତାବାଦୀ ବାତାବରଣ ସୃଷ୍ଟି କରିଛି ।

-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା,
ମୋ-୯୮୬୧୦୨୮୫୫୩




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବର୍ହିଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବର୍ହିଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର । ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତିଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଟିମ୍‌ୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର । ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ । ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି । ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି । ସେଗୁଡିକର କିଭଳି ରକ୍ଷଣବେକ୍ଷଣ କରିହେବ ସେନେଇ କାମ କରିବୁ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି । ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି ।

# ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ସହ ଦେଶକୁ ଆଲୋକିତ କରିବା ପାଇଁ ତ୍ୟାଗ ଦେଇଥିବା ବ୍ରଜରାଜନଗର ଆଜି ଉପେକ୍ଷିତ:ଧର୍ମେନ୍ଦ୍ର ପ୍ରଧାନ

ବ୍ରଜରାଜନଗର/ଝାରସୁଗୁଡା, (ପି.ଏନ) ରାଜ୍ୟରେ ହୀରାକୁଦ ଡ୍ୟାମ ନିର୍ମାଣ କରି ବନ୍ୟା ନିୟନ୍ତ୍ରଣ କରିବା, ଜଳସେଚନର ବ୍ୟବସ୍ଥା କରିବା ଏବଂ ଦେଶର ବିଭିନ୍ନ ଅଂଚଳକୁ ଆଲୋକିତ କରିବା ପାଇଁ କୋଇଲାରୁ ବିଦ୍ୟୁତ ଉତ୍ପାଦନ ନିମନ୍ତେ ଅନେକ ଥର ତ୍ୟାଗ ଦେଇଥିବା ବ୍ରଜରାଜନଗର ବର୍ଷ ବର୍ଷ ଧରି ଉପେକ୍ଷିତ ହୋଇ ରହିଛି। ଏଥିପାଇଁ ଓଡିଶାରେ ୨୨ ବର୍ଷ ଧରି ଶାସନରେ ଥିବା ସ୍ଥାଣୁ ସରକାର ଦାୟୀ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଙ୍ଗଳବାର ବ୍ରଜରାଜନଗରରେ ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ସମର୍ଥନରେ ମାରାଥନ ନିର୍ବାଚନ ପ୍ରଚାର କରିବା ଅବସରରେ ଏହା କହିଛନ୍ତି । ଲଖନପୁର ବାଗମୁଣ୍ଡା ଠାରେ ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବ୍ରଜରାଜନଗର ଅଂଚଳର ଗୋଟିଏ ଐତିହ୍ୟ ଓ ପରମ୍ପରା ଅଛି। ହୀରାକୁଦ ଡ୍ୟାମ ବ୍ରଜରାଜନଗର ଓ ଲଖନପୁର ଅଧିବାସୀ ମାନଙ୍କ ତ୍ୟାଗ ବଳରେ ନିର୍ମାଣ ହୋଇଛି। ସେମାନଙ୍କ ତ୍ୟାଗ ବଳରେ ମହାନଦୀରେ ଡ୍ୟାମ ନିର୍ମାଣ ହେବାରୁ ଓଡ଼ିଶା ଆଜି ବନ୍ୟାରୁ ସୁରକ୍ଷିତ ହୋଇଛି। ଅନେକ ଅଂଚଳ ଜଳସେଚିତ ହୋଇଛି। ସେମାନଙ୍କ ବଳିଦାନ କାରଣରୁ ଏ ଅଂଚଳରେ କୋଇଲା ଉତ୍ପାଦନ ଯୋଗୁଁ ଓଡ଼ିଶା ଓ ଭାରତବର୍ଷର ଅନେକ ଅଂଚଳ ଆଲୋକିତ ହେଉଛି। ସେହି ତୁଳନାରେ ଏହି ଅଂଚଳର ରୋଜଗାର ଓ ଅନ୍ୟାନ୍ୟ ମୌଳିକ ସୁବିଧା ବିକଶିତ ହୋଇପାରିନାହିଁ। ସ୍ୱାସ୍ଥ୍ୟ ଭିତିଭୂମି ବିପର୍ଯ୍ୟସ୍ତ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ । ସ୍ଥାନୀୟ ଅଂଚଳର ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛି ବୋଲି ସେ କହିଛନ୍ତି ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳିର ରମ୍ପେଲା, ଦଳଗାଁ, ଚାରପାଳି, ଅଡାପରା, ବାଗମୁଣ୍ଡା, ପଂଚଗାଁ, କନକ ତୋରା ସମେତ ବିଭିନ୍ନ ସ୍ଥାନରେ ପ୍ରଚାର ସହ ବେଲପାହାଡ ପୌରାଂଚଳ ଓ ବ୍ରଜରାଜନଗର ପୌରାଂଚଳରେ ରୋଡ ସୋ'ରେ ସାମିଲ ହୋଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଲଖନପୁର ଓ ବ୍ରଜରାଜନଗର ଅଂଚଳ ପ୍ରତି ମୋର ବିଶେଷ ଶ୍ରଦ୍ଧା ରହିଛି। ସ୍ଥାନୀୟ ଅଧିବାସୀ ଦୀର୍ଘ ବର୍ଷ ଧରି ବିଜେପିକୁ ଆଶୀର୍ବାଦ କରି ଆସିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଖଣି ସମୃଦ୍ଧ ଅଂଚଳ ବ୍ରଜରାଜନଗର ଓ ଲଖନପୁର ଅଧିବାସୀଙ୍କ ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ବ୍ୟବସ୍ଥା କଲେ। ଝାରସୁଗୁଡାରେ ୫୩୧ କୋଟି ଟଙ୍କାର ଡିଏମଏଫ୍ ପାଣ୍ଠି ସଂଗ୍ରହ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା କାରଣରୁ ଏଠାରେ ବିନା ଟେଣ୍ଡରରେ କାମ ହେଉଛି। ପ୍ରଧାନମନ୍ତ୍ରୀ ଦିଲ୍ଲୀରୁ ପଠାଉଥିବା ଟଙ୍କାକୁ ଦଳୀୟ ଆଧାରରେ ବଂଟା ଯାଉଛି। ବିନା ହାତ ଗୁରେ କାମ ହେଉନାହିଁ। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ହିତାଧିକାରୀ ଉତମ ସ୍ୱାସ୍ଥ୍ୟ ପାଇବାରୁ ବଂଚିତ ହେଉଛନ୍ତି। ଏ ସବୁ ଆଜି ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଚଳିତ ଉପନିର୍ବାଚନରେ ବ୍ରଜରାଜନଗରବାସୀ ଏହାର ଉଚିତ୍ ଜବାବ ଦେବେ। ଗଣତନ୍ତ୍ରରେ ହକ୍, ଅଧିକାର ଓ ନ୍ୟାୟର ଲଢ଼େଇ ପାଇଁ ନେତୃତ୍ୱ ଚୟନ ହୁଏ। ବ୍ରଜରାଜନଗର ଓଡ଼ିଶାରେ ମୋଦି ଶାସନ ଆସିବାର ମୂଳଦୁଆ ପକାଇବା ବ୍ରଜରାଜନଗରବାସୀ ଆମ ଦଳର ନେତ୍ରୀଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ନିଶ୍ଚୟ ଜୟଯୁକ୍ତ କରିବେ ? ଓଡ଼ିଶାରେ ମୋଦି ପଠାଉଥିବା ଟଙ୍କାର ମୁଖର ସ୍ୱର ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା ହେବେ ବୋଲି ଶ୍ରୀ ପ୍ରଧାନ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆବାସ ଯୋଜନାରେ ବାସଗୃହ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଖାଦ୍ୟଶସ୍ୟ, ସୌଭାଗ୍ୟ ଯୋଜନାରେ ବିଜୁଳି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସହ ଅନେକ ଜନକଲ୍ୟାଣକାରୀ ଯୋଜନାର ଲାଭ ପାଇ ଲଖନପୁର ଏବଂ ବ୍ରଜରାଜନଗର ମୋଦି ସରକାରଙ୍କ ଅନେକ ବିକାଶମୂଳକ କାମର ସାକ୍ଷୀ ହୋଇଛି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶା ପାଇଁ ମୁର ହୋଇଥିବା ମୋଟ ୨୬ ଲକ୍ଷ ବାସଗୃହ ମଧ୍ୟରୁ ୧୯.୬ ଲକ୍ଷ ଗୃହ ଇତି ମଧ୍ୟରେ ନିର୍ମାଣ ସରିଛି। ୨୦୧୪-୧୫ରୁ ଗୃହ ନିର୍ମାଣରେ ଆଜି ପର୍ଯ୍ୟନ୍ତ ୨୩,୬୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଝାରସୁଗୁଡା ଜିଲ୍ଲାରେ ମୋଟ ୨୮,୬୭୬ ଗୃହ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ କେବଳ ସମ୍ପୂର୍ଣ୍ଣ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ସହରାଂଚଳ ଯୋଜନାରେ ଝାରସୁଗୁଡା ଜିଲ୍ଲାର ବେଲପାହାଡରେ ୪୨୧, ବ୍ରଜରାଜନଗରରେ ୩୯୪ ଏବଂ ଝାରସୁଗୁଡାରେ ୭୯୪ଟି ବାସଗୃହ ନିର୍ମିତ ହୋଇଛି। ସେହିପରି ସ୍ୱଚ୍ଛ ଭାରତ ମିଶନ ଅଧିନରେ ରାଜ୍ୟରେ ୭୦ ଲକ୍ଷ ୭୯ ହଜାର ୫୬୪ ଘରେ ଶୌଚାଳୟ ନିର୍ମାଣ ହୋଇଛି। ଝାରସୁଗୁଡାରେ ଏହି ଯୋଜନା ଅନ୍ତର୍ଗତ ୮୫,୭୦୪ଟି ଶୌଚାଳୟ ନିର୍ମାଣ ହୋଇଛି।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାରେ ୫୬ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ୟାସ ସଂଯୋଗ ହୋଇଛି। ସେଥିମଧ୍ୟରୁ ୨୦୨୧ ସୁଦ୍ଧା ଝାରସୁଗୁଡ଼ାରେ ୮୬ ହଜାର ଉଜ୍ଜ୍ୱଳା ହିତାଧିକାରୀ ଗ୍ୟାସ ପାଇଥିବା ବେଳେ ୫୨ ହଜାର ଏସସିଏସଟି ପରିବାର ଉଜ୍ଜ୍ୱଳା ଗ୍ୟାସ ପାଇ ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଯୋଜନାରେ ଓଡ଼ିଶାର ୩୨.୧୮ ଲକ୍ଷ ପିକୃତ ଚାଷୀଙ୍କୁ ୫ ହଜାର ୭୦୭ କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି। ଏହା ଦ୍ୱାରା ବ୍ରଜରାଜନଗର ଚାଷୀ ମଧ୍ୟ ଲାଭବାନ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ସମସ୍ତଙ୍କୁ ମାଗଣା ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ଓଡ଼ିଶାର ୧୬.୭୧ ଲକ୍ଷ ଘରକୁ ଅର୍ଥାତ୍ ଶତପ୍ରତିଶତ ବିଜୁଳି ସଂଯୋଗ ଦିଆଯାଇଛି। ଝାରସୁଗୁଡା ଜିଲ୍ଲାରେ ସୌଭାଗ୍ୟ ଯୋଜନାରେ ପାଖାପାଖି ୧ ଲକ୍ଷ ୨୪ ହଜାର ୫୯୭ ହିତାଧିକାରୀ ଲାଭାନ୍ୱିତ ହୋଇଛନ୍ତି। ମୋଦି ସରକାରରେ ଓଡ଼ିଶା ପ୍ରଥମ ଥର ପାଇଁ ରେଳ ବଜେଟରେ ସର୍ବାଧିକ ୯ ହଜାର ୭୩୪ କୋଟି ଟଙ୍କା ଅନୁଦାନ ପାଇଛି। ତାଳଚେର-ବିମଳାଗଡ଼ ରେଳ ପଥ ଦ୍ୱାରା ଝାରସୁଗୁଡ଼ା ଓ ବ୍ରଜରାଜନଗରର ଲୋକମାନେ ବିଶେଷ ଉପକୃତ ହେବେ। ବ୍ରଜରାଜନଗର ଠାରେ ପୁରୀ-ନ୍ୟୁ ରିଷିକେଶ ଉତ୍କଳ ଏକ୍ସପ୍ରେସ ଓ ପୁରୀ ଲୋକମାନ୍ୟ ତିଲକ ଏକ୍ସପ୍ରେସ ରହଣୀର ବ୍ୟବସ୍ଥା ହୋଇଛି। ସେହିପରି ଓଡ଼ିଶାରେ ୬ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଓଡ଼ିଶାରେ ଜାତୀୟ ସଡ଼କପଥ ପ୍ରକଳ୍ପର କାମ ହୋଇଛି। ତନ୍ମଧ୍ୟରୁ ୪ ଲେନ୍ ବିଶିଷ୍ଟ ସମ୍ବଲପୁର-ବରଗଡ଼, ପାଣିକୋଇଲି-ରେମୁଳି ଏବଂ ଭୁବନେଶ୍ୱର-ପୁରୀ ଏନଏଚ, ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର-ଚଣ୍ଡିଖୋଲ ଏନଏଚ, ଝାରସୁଗୁଡ଼ା ଟାଉନ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥର ନିର୍ମାଣ, ଓ ଏନଏଚ- ୫୭ ଏବଂ ଏନଏଚ- ୫୯ ଓ ଅନ୍ୟାନ୍ୟ ରାଜପଥର ନିର୍ମାଣ ହୋଇଛି ଏବଂ କିଛି କ୍ରିୟାନ୍ୱୟନ ଅବସ୍ଥାରେ ଅଛି। ସେହିପରି ରାଉରକେଲା ଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ବ୍ରିଜର ନିର୍ମାଣ ଝାରସୁଗୁଡ଼ାର ଲୋକମାନେ ଉପକୃତ ହେବେ।

## ପଲାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଲାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଲାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢ଼ୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।

# ମୋ ଓଡ଼ିଶା

## ପ୍ରଦେଶ କଂଗ୍ରେସର ନୂତନ ସଭାପତିଙ୍କୁ ରାଉରକେଲା ଜିଲ୍ଲା କଂଗ୍ରେସର ସ୍ୱାଗତ





ରାଉରକେଲା (ପିଏନ୍): ନବନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ତାଙ୍କ ନିଯୁକ୍ତିକୁ ସ୍ୱାଗତ କରାଯାଇଛି । ଏକ ପ୍ରେସ୍ ବିବୃତିରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଦେବବ୍ରତ ବିହାରୀ, ସଂୋଷ ବିଶ୍ୱାଳ, କୀର୍ତ୍ତନ ଦାସ, ଉମେଶ ଶରଣ, ଶୋଭା ସିଂହ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ପ୍ରଭାତୀ ମିଶ୍ର, ଏମ୍‌ଡି ମୋଇନୁଦ୍ଦିନ, ସୁଦନ ତ'ୀ, ସାଧାରଣ ସମ୍ପାଦକ ଏମ୍‌ଡି ନଜମୁଦ୍ଦିନ, ଶଙ୍କର ଅଗ୍ରଓ୍ୱାଲ, ସରୋଜ ଲେଙ୍କା, ତୁଳସୀ ନାଗ, ରାଜେଶ ଟପ୍ପୋ, ଫିରୋଜ ଖାନ, ସରସ୍ୱତୀ ଭୂମିଜ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ଚନ୍ଦ୍ର ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମତ୍ସ୍ୟଜୀବୀ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ୍, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ଅଜୟ ଖାଲକୋ, ସୁଶୀଲ କିଣ୍ଡୋ, ବି.ଏନ୍. ମହାଁ, ଜେ.ଏନ୍. କୁମାର, ବିପିନ ଠାକୁର, ସମ୍ପାଦକ ଧର୍ମେନ୍ଦ୍ର ପରମାର, ଅସଲମ ପରଭେଜ, ରବୀନ୍ଦ୍ର ଦାସ, ପ୍ରତିମା ପାଣିଗ୍ରାହୀ, ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ରବୀନ୍ଦ୍ର ନାୟକ, ବିଜୟଲକ୍ଷ୍ମୀ ପ୍ରଧାନ, କଳ୍ପତରୁ ପଣ୍ଡା ଓ ଦିଲ୍ଲୀପ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଜିତେନ୍ଦ୍ର ଦାସ, ଶ୍ୟାମେନ୍ଦ୍ର ମାହାତୋ, ଏମ୍‌ପି ଜୟସ୍ୱାଲ, ଶତ୍ରୁଘ୍ନ କର, ଏମ୍‌ଡି ମୁର, କୈଳାସ ବିଶୋୟୀ, ଆଇନଜୀବୀ ଓ୍ୱାଇ ନବୀ, ବିନୋଦ ବିହାରୀ ପଟ୍ଟନାୟକ, ରାଜେନ୍ଦ୍ର ପରିଚ୍ଛା, ବି.ରୀନା, ଝୁନୁ ପଟ୍ଟନାୟକ, ରୁକସାନା ବେଗମ, ରେହେମାନ ଖାନ, ସାମାଜିକ ଗଣମାଧ୍ୟମର ଉପାଧ୍ୟକ୍ଷ ସୁଧୀର ନାଥ, ସେବାଦଳର ବୁଲୁ ଦାସ, ରତିକା' ମଲ୍ଲିକ, ଭାସ୍କର ଖିଲ୍ଲାର, ଶିବୁ ଓରାମ, ବ୍ଲକ୍ ସଭାପତି ଶୈଳେନ୍ଦ୍ର ତିଓ୍ୱାରୀ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ, ଜାଫର ନୁମାନ, ପ୍ରତାପ ବେହେରା, ରାଜେନ୍ଦ୍ର ରଜାକ, ରଘୁନାଥ ଦାସ, କୃଷକ କଂଗ୍ରେସ ଅଧ୍ୟକ୍ଷ ଚକ୍ରଧର ମାହାତୋ ଓ ମନମୋହନ ଓରାମ ପ୍ରମୁଖ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ନବନିଯୁକ୍ତ ସଭାପତି ଶ୍ରୀ ପଟ୍ଟନାୟକ ଜଣେ ଦୀର୍ଘ ଅନୁଭୂତି ସମ୍ପନ୍ନ ନେତା । ନିଜ ଛାତ୍ର ଜୀବନରୁ ବିଭିନ୍ନ ସମୟରେ କଂଗ୍ରେସ ସଙ୍ଗଠନର ନେତୃତ୍ୱ ନେଇ ଦଳକୁ ସଫଳ କରାଇଛନ୍ତି । ସମ୍ପ୍ରତି ତାଙ୍କ ନେତୃତ୍ୱରେ କଂଗ୍ରେସ ଓଡିଶାରେ ଅଧିକ ମଜବୁତ ଓ କ୍ରିୟାଶୀଳ ହୋଇ ଆଗାମୀ ଦିନରେ ବିଜୟ ପତାକା ଉଡାଇବ ବୋଲି ନେତୃବୃନ୍ଦ ଦୃଢ ଆଶାପୋଷଣ କରିଛନ୍ତି । ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ ଶ୍ରୀ ପଟ୍ଟନାୟକଙ୍କ ଭଳି ଜଣେ ଦକ୍ଷ, ସଙ୍ଗଠନ ସହିତ ଯୋଡି ହୋଇଥିବା ନେତାଙ୍କୁ ପ୍ରଦେଶ କଂଗ୍ରେସର ସଭାପତିତ୍ୱ ଦାୟିତ୍ୱ ଦିଆଯାଇଥିବାରୁ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ଏଥିପାଇଁ ଅଖିଳ ଭାରତ କଂଗ୍ରେସ କମିଟି ସଭାନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଲକ୍ଷ୍ମଣ ମହାନ୍ତଙ୍କ ଘର ଅଗଣାରେ ଅଙ୍ଗୁର ପେନ୍ଥା



ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ପଞ୍ଚାୟତର ତଳବେଡା ଗ୍ରାମର ଲକ୍ଷ୍ମଣ ମହାନ୍ତଙ୍କ ଘରେ ପେନ୍ଥା ପେନ୍ଥା ହୋଇ ଅଙ୍ଗୁର କୋଳି ଫଳିଥିବା ଦେଖିବାକୁ ମିଳିଛି । ସାଧାରଣତଃ ଅଙ୍ଗୁର, ସେଓ ପ୍ରଭୃତି ଫଳ କାଶ୍ମିର ପରି ରାଜ୍ୟରେ ତାପମାତ୍ରା ଅନୁସାରେ ଫଳୁଥିବା ବେଳେ ଏହା କେନ୍ଦୁଝର ପରି ଏକ ପାହାଡିଆ ଅଂଚଳରେ ପୁଣି ୪୦ଡିଗ୍ରୀ ତାପମାତ୍ରାରେ ମଧ୍ୟ ଅଙ୍ଗୁର କୋଳି ହୋଇ ପାରୁଛି । ସୂଚନା ଅନୁସାରେ ଲକ୍ଷ୍ମଣ ମହା' ଗତବର୍ଷ ବଜାରରୁ ଗୋଟେ ଅଙ୍ଗୁର ଗଛ ଆଣି ତାଙ୍କ ଘର ଅଗଣାରେ ଲଗାଇଥିଲେ । ଗଛରେ ଫଳ ଫଳିବ କି ନାହିଁ ସନ୍ଦେହ ଭିତରେ ରହିଥିବା ବେଳେ ଏ ବର୍ଷ କିଁ ୬ ରୁ ୭ ପେନ୍ଥା ଅଙ୍ଗୁର ଫଳିଥିବା ଦେଖି ତାଙ୍କ ମନ ଖୁସିରେ ନାଚି ଉଠିଥିଲା । ସେ ଗ୍ରାମର ସମସ୍ତ ଲୋକଙ୍କୁ ମଧ୍ୟ ଏହି ଅଙ୍ଗୁର ପେନ୍ଥାକୁ ଦେଖାଉଥିବା ବେଳେ ଗ୍ରାମବାସୀ ମଧ୍ୟ ଅଙ୍ଗୁର ଫଳକୁ ଦେଖି ଖୁସିବ୍ୟକ୍ତ କରିଥିବା ଦେଖାଯାଇଛି।

## କରୋନା ଯୋଦ୍ଧା ସାମ୍ବାଦିକ ସଂଗ୍ରାମୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ



କୋଣାର୍କ (ପିଏନ୍): ଗତବର୍ଷ ମେ ମାସ ୨୩ ତାରିଖରେ କୋଣାର୍କରେ କାର୍ଯ୍ୟରତ ଦୈନିକ ଖବରକାଗଜ 'ସମୟ'ର ପ୍ରତିନିଧି ସଂଗ୍ରାମକେଶରୀ ମହାପାତ୍ରଙ୍କର ମହାମାରୀ କରୋନାରେ ଅକାଳ ବିୟୋଗ ହୋଇଥିଲା । ସେ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ । ଇତିମଧ୍ୟରେ ଏକ ବର୍ଷ ବିତିଯାଇଛି । ଗତ ୨୩ ତାରିଖରେ କୋଣାର୍କ ନିକଟସ୍ଥ ଚମ୍ପାହାର ବାସଭବନଠାରେ କରୋନା ଯୋଦ୍ଧା ସାମ୍ବାଦିକ ସଂଗ୍ରାମଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରକ୍ତଦାନ ଶିବିର, ସଂକୀର୍ତ୍ତନ, ଭଜନ ପରିବେଷଣ, ସ୍ମୃତିଚାରଣ ସଭା ଓ ସ୍ମୃତିପତ୍ର ଉନ୍ମୋଚନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ନିମାପଡା ଏସଡିପିଓ ଦେବାଶିଷ ମିଶ୍ରଙ୍କ ସମେତ କୋଣାର୍କ, କାକଟପୁର, ଗୋପ, ନିମାପଡା, ପୁରୀ ଓ ଭୁବନେଶ୍ୱରର ଅନେକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଆଗ ଧାଡିର କରୋନା ଯୋଦ୍ଧା ଦିବଙ୍ଗତ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହ ଗୁଣଗାନ କରିଥିଲେ । କୋଣାର୍କର ପାଣି ପବନ ଓ ସାଂସ୍କୃତିକ ଐତିହ୍ୟର ସ୍ମୃତିକୁ ସାଉଁଟିଥିବା ସାମ୍ବାଦିକ ଦିବଂଗତ ସଂଗ୍ରାମ ଜଣେ ଅମାୟିକ, ମିଷ୍ଟଭାଷୀ, ପରୋପକାରୀ, ମେଳାପି ସ୍ୱଭାବର ଯୁବ ସାମ୍ବାଦିକ ଥିଲେ । ଏହି ଅବସରରେ ସ୍ମୃତିପତ୍ର ଅମ୍ଳାନକୁ ଅତିଥିମାନେ ଉନ୍ମୋଚନ କରିଥଲେ । ସଂଗ୍ରାମ ଦୀର୍ଘଦିନ ଧରି ସାମ୍ବାଦିକତା ବୃତ୍ତିକୁ ଆପଣାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ସାମ୍ବାଦିକତା ଜୀବନ ମଧ୍ୟରେ କୋଣାର୍କର ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ ହୋଇ ରହିବ ବୋଲି ସ୍ମୃତିଚାରଣ ସଭାରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ସିପିଆଇର ଶୋକ

ଭୁବନେଶ୍ୱର (ପିଏନ୍)–ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରଖ୍ୟାତ ନେତା, ସିପିଆଇ(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ ଓ ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରୁଛି । କମ୍ରେଡ଼ ଶିବାଜୀ ପଟ୍ଟନାୟକ ଥିଲେ ଓଡ଼ିଶାର ଖଟିଖିଆ ମେହନତୀ ମଣିଷ ବିଶେଷକରି ଶ୍ରମିକ ଶ୍ରେଣୀର ଅନମନୀୟ ଯୋଦ୍ଧା। ଭାରତୀୟ ପାର୍ଲାମେଣ୍ଟରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ସଂଗ୍ରାମୀ ନେତାଙ୍କୁ ହରାଇଲା।

## କଂଗ୍ରେସର ମିଶ୍ରଣ ପର୍ବ



ଚଣ୍ଡିଖୋଲ (ପିଏନ)–ବଡ଼ଚଣା ବ୍ଲକ୍ କଂଗ୍ରେସ ପକ୍ଷରୁ ସୁଙ୍ଗୁଡ଼ା ଗ୍ରାମ ମଠ ନିକଟରେ ଏକ ମିଶ୍ରଣ ପର୍ବ ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣାର କଂଗ୍ରେସ ନେତା ତଥା ରାଜ୍ୟ ଓବିସି ସେଲ୍ ଉପାଧ୍ୟକ୍ଷ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର, ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ମାନ ଗୋବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡ଼ି ଓ ବିଜେପି ଦଳର ବିନାଶମୁଖି କାର୍ଯ୍ୟକୁ ବିରୋଧ କରି ଯୁବନେତା ସାଗର ସଂଗମ ଦାସଙ୍କ ନେତୃତ୍ୱରେ ପ୍ରସନ୍ନ ଚୌଧୁରୀ, କଳ୍ପତରୁ ଦାସ, ମୁରଲିଧର ସ୍ୱାଇଁ, ବିଷ୍ଣୁ ଚରଣ ସ୍ୱାଇଁ, ଭୀମା ମୁଣ୍ଡା, ଗୌତମ ଜେନା, ବିନୋଦ ଜେନା, ଫାରୁକ୍ ଖାଁ, ମେହେବୁବ୍ ଖାନ୍, ଦୁର୍ଯ୍ୟୋଧନ ଜେନା, ସନବର ଖାଁ, ଯଜାତି କେଶରୀ ଦାସ, ମମତାଜ୍ ଖାଁ, ବଳରାମ ଜେନା ସମେତ ଅଧିକ ସଂଖ୍ୟାରେ ବିଜେଡ଼ି ଓ ବିଜେପି ଦଳ ପରିତ୍ୟାଗ କରି କଂଗ୍ରେସ ନେତା କ୍ୟାପଟେନ୍ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ କ୍ୟାପଟେନ୍ ମହାପାତ୍ର ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବଡ଼ଚଣାରେ ଦୀର୍ଘ ୨୨ ବର୍ଷ ଧରି ବିଜେଡ଼ି ଦଳ ଶାସନ୍ତ କରୁଥିଲେ ହେଁ ଆଜି ନିର୍ମିତ କୋଣାର୍କ ଝୋଟକଳକୁ ବିକ୍ରି କରି ଶ୍ରମିକ ମାରଣ ନିତୀ ଅବଲମ୍ବନ କରିଛନ୍ତି। ଚଣ୍ଡିଖୋଲରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଦୂର୍ଘଟଣା ଜନିତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚଣ୍ଡିଖୋଲରେ ନ ରହି ପାଣିକୋଇଲିଠାରେ କରାଯାଇଛି। ଚଣ୍ଡିଖୋଲରେ ଥିବା ଡ୍ରେନେଜ୍ ଡ଼ିଭିଜନକୁ ମଧ୍ୟ ଯାଜପୁର ଟାଉନ୍‌କୁ କାର୍ଯ୍ୟାଳୟ ଉଠାଇ ନିଆଯାଇଛି। ବାରମ୍ବାର ଦାବୀ ସତ୍ତ୍ୱେ ବିଜେଡ଼ି ନେତା ଚଣ୍ଡିଖୋଲକୁ ଏନ.ଏ.ସିର ମାନ୍ୟତା ଦେଇପାରି ନାହାଁନ୍ତି। ପୂର୍ବତନ ରାଜସ୍ୱମନ୍ତ୍ରୀ ଚଣ୍ଡିଖୋଲକୁ ସବ୍-ଡ଼ିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ପ୍ରତିଶୃତି ଦେଇଥିଲେ ମଧ୍ୟ ବଡ଼ଚଣାର ବିଜେଡ଼ି ନେତା ସବ୍-ଡ଼ିଭିଜନ୍ କଥା ଭୁଲି ଯାଇଥିବାର ଦେଖାଯାଉଛି। ବଡ଼ଚଣା ବ୍ଲକରେ ଯେଉଁଭଳି ଭାବେ ଦୂର୍ନିତୀ ଲାଗି ରହିଛି କିନ୍ତୁ ସାଧାରଣ ଲୋକଙ୍କ ସେବାରେ ଲାଗି ପାରୁ ନାହିଁ ବୋଲି ସଭାରେ ମୁଖ୍ୟ ଅତିଥି କ୍ୟାପଟେନ୍ ମହାପାତ୍ର ପ୍ରକାଶ କରିଥିଲେ। ମିଶ୍ରଣ ପର୍ବରେ କଂଗ୍ରେସ ନେତା ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ଉପ-ସଭାପତି ପ୍ରଦୀପ୍ତ ମହାନ୍ତି, ସନ୍ତୋଷ ଜେନା, ଜନ୍ମେଜୟ ନାୟକ, ବଡ଼ଚଣା ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି ସଂଜୀବ ସାମଲ, ଉପେନ୍ଦ୍ର ବ୍ରହ୍ମ, ବିପିନ୍ ଚରଣ ପ୍ରତାପ, ସୁଫିଆନ୍ ଖାନ୍, କମରୁଲ ଜୁମାଖାନ୍, ରହମତ୍ ହୁନେସ୍, ରାଇଚନ୍ଦ୍ର ବିଶ୍ୱାସ ସମେତ ବହୁ କଂଗ୍ରେସ କର୍ମୀ ସହଯୋଗ କରିଥିଲେ।

## କବିତା ହିଁ ମାନବ ଜୀବନର ସର୍ବୋତ୍ତମ ମାର୍ଗ




ଯାଜପୁର (ପିଏନ୍)– ଆଜିର ପରିବର୍ତ୍ତନଶୀଳ ସମାଜରେ ମଣିଷ ଜୀବନର ଦୈନନ୍ଦିନ ବିଚାର ଧାରାରେ ବହୁଳ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଦିନକୁ ଦିନ ଜଟିଳ ସମସ୍ୟାର ବଳୟ ଭେଦ କରିବା ପାଇଁ ପ୍ରତିଟି ମଣିଷ ନିଜକୁ ଅସହାୟ ମନେକରୁଛି। ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସମକାଳର କବିତା ଆମକୁ ଦେଇଛି ଦମ୍ଭ ଓ ସାହସ। ମାଟି ସହ ଜଡ଼ିତ କବିତାମାନେ ସର୍ବଦା ଚେତାଇ ଦେଇଥା'ନ୍ତି ସମ୍ଭାବିତ ପରିସ୍ଥିତି ସହ ସଂଘର୍ଷ ପାଇଁ...! କବି ରମେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଯାଜପୁର ଜିଲ୍ଲା ସାହିତ୍ୟ ମଞ୍ଚ' ପକ୍ଷରୁ ଯାଜପୁର ସହରସ୍ଥିତ ଜଗନ୍ନାଥ ମନ୍ଦିର ସାମ୍‌ନା ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଅନୁଷ୍ଠିତ ଗ୍ରୀଷ୍ମ ଆସରରେ ଏକ ବୌଦ୍ଧିକ ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ ଅବକାଶରେ ବହୁ ପ୍ରାଜ୍ଞ ବ୍ୟକ୍ତି ମତ ପ୍ରକାଶ କରିଥିଲେ। ଅଧିବେଶନର ପ୍ରାରମ୍ଭରେ ଡକ୍ଟର ସନ୍ତୋଷ ଦେବତାଙ୍କ ସମାଲୋଚନା ଗ୍ରନ୍ଥ 'ରମେଶ ପତିଙ୍କ କାବ୍ୟ ଜଗତ : ମାଟିରୁ ଆକାଶ', କଥାକାର ଶରତ କୁମାର ସାହୁଙ୍କ ଉପନ୍ୟାସ 'ଭୋର ଆକାଶ'ର ଦ୍ୱିତୀୟ ସଂସ୍କରଣ ଓ ସଚ୍ଚିଦାନନ୍ଦ ଗୁରୁଙ୍କ କବିତା ସଂକଳନ 'କବିତା ବିଗତ : ଅଧୁନା ଓ ସଂଭାବନା'। ସଚ୍ଚିଦାନନ୍ଦଙ୍କ ପୁସ୍ତକ ସଂପର୍କରେ ବିଶେଷ ଅଲୋକପାତ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଶିଶୁ ସାହିତ୍ୟିକ କବି ଗିରିଧାରୀ ସ୍ୱାଇଁ, ମଞ୍ଚ କଳାକାର ଅଭିମନ୍ୟୁ ମିଶ୍ର, ପ୍ରଭାକର ମିଶ୍ର, ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ସଭାପତି ବୃନ୍ଦାବନ ମିଶ୍ର ଓ ସମାଜସେବୀ ଗଦାଧର ରାଉତ। ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ 'ଯାଜପୁର ଜିଲ୍ଲା ସାହିତ୍ୟ ମଞ୍ଚ'ର ସଭ୍ୟ/ସଭ୍ୟାମାନେ କବିତା ପାଠ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଗୀତିକବି ଅନୀଲ କୁମାର ମହାନ୍ତି।

## ସ୍ୱାମୀ ଶିବାନନ୍ଦ ସରସ୍ୱତୀ ସତ୍‌ସଙ୍ଗ ସମିତିର ମହିଳା ଭକ୍ତଙ୍କ ସତ୍‌ସଙ୍ଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଆଳିଜଙ୍ଗା ଗ୍ରାମର ଗ୍ରାମଦେବତୀ ମା' ବାଇ ବରୁଣେଇଙ୍କ ପ୍ରାଙ୍ଗଣରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ସତସଙ୍ଗ ସମିତିର ମହିଳା ଭକ୍ତମାନଙ୍କ ଦ୍ୱାରା ଏକ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଭକ୍ତମାନେ ଭକ୍ତି ଓ ଶ୍ରଦ୍ଧାର ସହ ଗୁରୁପୂଜା କରିଥିଲେ। ସତସଙ୍ଗରେ ଯୋଗଦେଇ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ସନ୍ଥ ଶିବାନନ୍ଦଜୀ ମହାରାଜ ଓ ଚିଦାନନ୍ଦଜୀ ମହାରାଜଙ୍କ ନୀତି, ଆଦର୍ଶ ଓ ଗୀତା ଭାଗବତ ପ୍ରଭୃତିର କଥାବସ୍ତୁ ମାଧ୍ୟମରେ କିପରି ସମାଜର କଲ୍ୟାଣ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବାନନ୍ଦ ଭଜନ ସନ୍ଧ୍ୟା ଦ୍ୱାରା ଭଜନ ପରିବେଷଣ ସମସ୍ତ ପରିବେଶକୁ ଭକ୍ତିରସରେ ପ୍ଳାବିତ କରିଦେଇଥିଲା। ଏହି ସତସଙ୍ଗରେ ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ଡଃ. ଅଭୟ କୁମାର ରାଉତ, ଯୋଗଗୁରୁ ସଞ୍ଜୟ କୁମାର ମଥାନଙ୍କ ସମେତ ଗ୍ରାମର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ। ଏହି ସତସଙ୍ଗ କାର୍ଯ୍ୟକ୍ରମକୁ ବାବା ନୃସିଂହ ଦାସ, ଶିବାନୀ, ବର୍ଷା, ସରୋଜ ମହାନ୍ତି, ପ୍ରଶାନ୍ତ ସ୍ୱାଇଁ, କୁଳମଣୀ ଦାସ, ଅନନ୍ତ ଲେଙ୍କା, ଜୟଦେବ ଦାସ, ରଜନୀକାନ୍ତ ସ୍ୱାଇଁ, ଧିରେନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶ୍ରୀଧର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମେଲେରିଆ ସଚେତନତା କାର୍ଯ୍ୟକ୍ରମରେ ଅନିୟମିତତା

ବାଲେଶ୍ୱର (ପିଏନ୍)– ରାଜ୍ୟ ସରକାର ବିଭିନ୍ନ ଦୁରାରୋଗର ନିରାକରଣ ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ବାଲେଶ୍ୱରରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏ ପ୍ରକାରର କାର୍ଯ୍ୟକ୍ରମକୁ ହାତକୁ ନ ନେଇ ସହଦେବ ଖୁଣ୍ଟା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ହୋଡିଂ ବାବଦରେ ୫ ହଜାର ଟଙ୍କା ଓ ହାତଗଣତି ଲୋକଙ୍କୁ ନେଇ ସଭା ଆୟୋଜନ କରି ଅବଶିଷ୍ଟ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହେଉଛି । ଉଲ୍ଲେଖଯୋଗ୍ୟ ଯେ ଏଠାରେ ଗୋଟିଏ କାର୍ଯ୍ୟକ୍ରମରେ ୨ଟି ଉପସ୍ଥାନ ବ୍ୟବହାର କରାଯାଉଥିବା ବେଳେ ଏହାକୁ ବିରୋଧ କରି ଉପସ୍ଥିତ ଜୈନିକ ସଦସ୍ୟ ଗୋଟିଏ ଉପସ୍ଥାନ ଛଡ଼ାଇ ନେଇଥିବାର ଦେଖିବାକୁ ମିଳିଥିଲା । ଏ ବାବଦରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆ ନ ଯାଇ ନିର୍ଦ୍ଦିଷ୍ଟ କିଛି ସାମ୍ବାଦିକଙ୍କୁ ମୋବାଇଲରେ ମେସେଜ ଦେଇ ଏ ବାବଦରେ ଗଣମାଧ୍ୟମ ପାଇଁ ଉଦ୍ଦିଷ୍ଟ ଅର୍ଥ ବାଟମାରଣା ହୋଇଥିବାର ଅଭିଯୋଗ ହୋଇଛି । ଅନୁରୂପ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ପାଇଁ ଆସିଥିବା ଅର୍ଥ ମଧ୍ୟ ବାଟମାରଣା ହୋଇଥିବାର ଅଭିଯୋଗ ହୁଏ ।

## ୬୦ ଲିଟରର ଦେଶୀ ମଦ ଜବତ, ଦୁଇ ଗିରଫ

ଖୋର୍ଦ୍ଧା (ପିଏନ)– ବେଗୁନିଆ ପୋଲିସ ମଦ ବିକ୍ରୀ କରୁଥିବାର ଅଭିଯୋଗ ପାଇ ଅତର୍କିତ ଭାବରେ ଚଢାଉ କରି ଦେଶୀ ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କ ସୂଚନା ମୁତାବକ କଂଟାବାଡ ଗ୍ରାମରେ ବଜାର ନିକଟରେ ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ସତ୍ୟବ୍ରତ କହଲସିଂହ ଓ ସତ୍ୟନାରାୟଣ ଚମ୍ପତି ବାଇକ ଯୋଗେ ଆସି ଦେଶୀ ମଦବିକ୍ରୀ କରୁଥିବାର ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ଏ ନେଇ ପୋଲିସ ଅତର୍କିତ ଭାବରେ ଘଟଣାସ୍ଥଳରେ ପହଂଚି ଦୁଇଟି ବାଇକ ଓ ୬୦ ଲିଟରର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସାଇବର ଅପରାଧ ଓ ଏହାର ପ୍ରତିକାର

ସାଇବର ଅପରାଧ ଭାରତରେ ପ୍ରାୟ ୨୫-୩୦ ବର୍ଷ ପୂର୍ବରୁ ଅପରାଧ ତାଲିକାରେ ଯୋଡି ହୋଇଛି । ସାଇବର ଅପରାଧ ପାଇଁ ୨୦୦୦ ମସିହା ପୂର୍ବରୁ ଭାରତବର୍ଷରେ କୌଣସି ସ୍ୱତନ୍ତ୍ର ଆଇନ ନଥିଲା । ଭାରତୀୟ ଦଣ୍ଡ ବିଧି ଆଇନ ଅନୁଯାୟୀ ସାଇବର ଅପରାଧୀଙ୍କୁ ଦଣ୍ଡ ବିଧାନ କରାଯାଉଥିଲା । ଅପରାଧର ମାତ୍ରା ବଢିବାର ଲକ୍ଷ୍ୟ କରି ଭାରତ ସରକାର ୨୦୦୦ ମସିହାରେ Information Technology Act-୨୦୦୦ ସଂସଦରେ ପାରିତ କରି ଏକ ସ୍ୱତନ୍ତ୍ର ଆଇନ ଆଣିଲେ । ଭାରତରେ Computer, laptop, Smart Phonର ପ୍ରଚଳନ ହେବା ପରେ ସାଇବର ଅପରାଧର ଅଭିଯୋଗ ଆସିଲା । ଏହା ପୂର୍ବରୁ ଯେଉଁ ଅପରାଧ ହେଉଥିଲା ତାକୁ ପାରମ୍ପରିକ ଅପରାଧ କୁହାଯାଉଥିଲା, ଯଥା, ଚୋରି, ସିନ୍ଧିଚୋରି, ଛିନ୍ତାଇ, ଡକେଇତି, ଠକେଇ ଇତ୍ୟାଦି । ସାଇବର ଅପରାଧ କହିଲେ ସାଧାରଣତଃ ଆମେ କଣ ବୁଝିବା, ଯେଉଁ ଅପରାଧଗୁଡିକ Computer, laptop, Smart Phonର ସହିତ ଘରଷ୍ଟ ଦ୍ୱାରା ସଂଗଠିତ ହୋଇଥାଏ, ସେଗୁଡିକୁ ସାଇବର ଅପରାଧ ବୋଲି କୁହାଯାଏ । ଏ ପ୍ରକାର ଅପରାଧରେ ଅପରାଧୀକୁ ଘଟଣା ସ୍ଥଳକୁ ଯିବାକୁ ପଡିନଥାଏ । ସେ ସୁଦୂର ଆମେରିକାରେ ବସି କଟକର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ହଡପ କରିନେଇ ପାରିବ, କିମ୍ବାତା'ର ଡାଟାକୁ ସେ ହ୍ୟାକ୍ କରିପାରିବ । ପାରମ୍ପରିକ ଅପରାଧରେ ଅପରାଧୀ ନିଜେ ଘଟଣାସ୍ଥଳକୁ ଯିବାକୁ ପଡିଥାଏ । ଏଥିରେ ଜୀବନ ପ୍ରତି ମଧ ବିପଦ ଅଛି । ଡକାୟତି କିମ୍ବା ଜକ୍ଟଭଉରକ୍ଷ କରିବା ସମୟରେ ଯଦି ଅପରାଧୀ ଧରାପଡିଯାଏ ଲୋକମାନେ ସ୍ଥଳ ବିଶେଷରେ ପିଟି ପିଟି ମାରି ଦେଇପାରନ୍ତି, କିନ୍ତୁ ସାଇବର ଅପରାଧରେ ସେଭଳି ବିପଦ ନଥାଏ । ପାରମ୍ପରିକ ଅପରାଧରେ ଅପରାଧୀ ଯେତେ ଚତୁର ହେଲେ ମଧ ସେ ଅପରାଧ କରିବା ସମୟରେ ତା'ର ଅଜାଣତରେ କିଛି ମକ୍ଷଙ୍କର/ ରଙ୍ଗସୟରଭମର ଘଟଣାସ୍ଥଳରେ ଛାଡି ଦେଇଯାଇଥାଏ, ଯାହାକୁ ଅପରାଧ ବିଜ୍ଞାନରେ Burgular's Visiting Card ବୋଲି ଅଭିହିତ କରାଯାଇଛି । ସାଇବର ଅପରାଧୀ ବହୁତ ଚତୁର ଓ ସେ ପୋଲିସ କବଜାକୁ ଆସିବା ଏତେ ସହଜ ନୁହେଁ । ସେ ପ୍ରକାର ଅପରାଧୀକୁ ଧରିବା ପାଇଁ ପୋଲିସକୁ ଅନେକ ପରିଶ୍ରମ କରିବାକୁ ପଡିଥାଏ । କମ୍ପ୍ୟୁଟର ବ୍ୟବହାର ଫଳରେ ପୃଥିବୀ ସତେ ଯେମିତି ଆମ ହାତ ପାହାନ୍ତାରେ । ସମଗ୍ର ପୃଥିବୀରେ ଯେତେ କମ୍ପ୍ୟୁଟର କାର୍ଯ୍ୟକ୍ଷମ ହେଉଛି ସବୁଗୁଡିକ Internet ଦ୍ୱାରା ସଂଯୋଗ ହୋଇଛି । ଗୋଟିଏ କମ୍ପ୍ୟୁଟରରୁ ଅନ୍ୟ ଗୋଟିଏ କମ୍ପ୍ୟୁଟରକୁ ଡାଟା କ୍ଟବଶ୍ୱଷ୍ଟ କ୍ଟଭ କରିବାରେ କିଛି ଅସୁବିଧା ନାହିଁ । ଲଣ୍ଡନରେ ବସି ଜଣେ ବ୍ୟକ୍ତି ତା ନିଜ କମ୍ପ୍ୟୁଟର ଦ୍ୱାରା କଟକରେ ଥିବା କମ୍ପ୍ୟୁଟରରୁ ଡାଟା ଆକ୍ସେସ୍ ଓ ହ୍ୟାକ୍ କରିପାରିବ । କମ୍ପ୍ୟୁଟର ସମଗ୍ର ପୃଥିବୀକୁ ଗୋଟିଏ ତାରରେ ଯୋଡି ଦେଇଛି କହିଲେ ଭୁଲ ହେବ ନାହିଁ । ୧୯୫୪/୫୫ ପରେ ଭାରତବର୍ଷକୁ କମ୍ପ୍ୟୁଟର ଆସିଲା ଓ ଧିରେ ଧିରେ କମ୍ପ୍ୟୁଟର ପ୍ରଚଳନ ଆରମ୍ଭ ହେଲା । ବିଶେଷକରି ରାଜୀବ ଗାନ୍ଧିଙ୍କ କାର୍ଯ୍ୟକାଳ ୧୯୮୪ରୁ ୧୯୮୯ ସମୟସୀମା ଭିତରେ ଟେଲିକମ୍ ସେକ୍ଟରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା । ରାଜୀବ ଗାନ୍ଧି ଏକ ନୂତନ ଭାରତର ଭିତ୍ତିଭୂମି ପକାଇଥିଲେ ବୋଲି କୁହାଯାଏ ଓ କେହି କେହି ତାଙ୍କୁ Father of Information Technology ବୋଲି ଅଭିହିତ କରନ୍ତି । ସାଇବର ଅପରାଧ ଉପରେ ସ୍ୱତନ୍ତ୍ର ଆଇନ ଲାଗୁ ହେଲା ପରେ ସମଗ୍ର ଭାରତରେ ଓ ଓଡିଶାରେ ସାଇବର ପୋଲିସ ଷ୍ଟେସନ ଖୋଲିବାର ପ୍ରୟାସ ଆରମ୍ଭ ହେଲା । ଓଡିଶା ସରକାରଙ୍କ ଗୃହ ବିଭାଗ ନୋଟିଫିକେସନ୍ ନମ୍ବର ୨୨୭୩୦/ ସି.ପି. ତା. ୦୯.୦୬.୨୦୦୪ ଅନୁଯାୟୀ ୨୦୦୬ ଅକ୍ଟୋବର ୨ ତାରିଖ ଦିନ ଏସପି, ସିଆଇଡି, କଟକଙ୍କ ଅଫିସରେ ଏକ ସାଇବର ପୋଲିସ ଷ୍ଟେସନ ଆରମ୍ଭ କରାଯାଇଥିଲା । ପ୍ରଥମେ ସେହି ପୋଲିସ ଷ୍ଟେସନରେ ୧୦ ଲକ୍ଷ ଟଙ୍କା କିମ୍ବା ତଦୁର୍ଦ୍ଧ ଟଙ୍କାର କ୍ଷତି ଉପରେ ଅଭିଯୋଗ ପଞ୍ଜୀକରଣ କରିବାର ନିୟମ ଥିଲା ଓ ପରବର୍ତ୍ତୀ ସମୟରେ ଏ ନିୟମକୁ କୋହଳ କରିଦିଆଯାଇଛି । ଏହାର କିଛି ବର୍ଷ ପରେ ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାରେ ଗୋଟିଏ ଗୋଟିଏ ସାଇବର ପୋଲିସ ଷ୍ଟେସନ ପ୍ରତିଷ୍ଠା କରାଯାଇ ଲୋକମାନଙ୍କ ଅଭିଯୋଗକୁ ପଞ୍ଜୀକୃତ କରାଯାଉଛି । ୫ ଲକ୍ଷ କିମ୍ବା ତଦୁର୍ଦ୍ଧ ଟଙ୍କାର କ୍ଷତି ଉପରେ ଜିଲ୍ଲାର ସାଇବର ଥାନାମାନଙ୍କରେ ଅଭିଯୋଗ ପଞ୍ଜୀକରଣ କରିବାର ନିୟମ ଥିଲେ ହେଁ ପରବର୍ତ୍ତୀ ସମୟରେ ଏ ନିୟମକୁ କୋହଳ କରିଦିଆଯାଇଛି । ଗତବର୍ଷ ଡିସେମ୍ବର ମାସରେ ଓଡିଶା ସରକାର ଆଉ ୧୧ଟି ସାଇବର ଥାନା ଓଡିଶାର ବିଭିନ୍ନ ଜିଲ୍ଲାରେ ଯଥା-କଟକ, ଭୁବନେଶ୍ୱର, କେନ୍ଦୁଝର, ଅନୁଗୁଳ, ମୟୁରଭଂଜ, ବାଲେଶ୍ୱର, କୋରାପୁଟ ଭବାନୀପାଟଣା, ବଲାଙ୍ଗୀର ଏବଂ କନ୍ଧମାଳରେ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ଏତଦ୍ ବ୍ୟତୀତ ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟ ଏସପିଙ୍କ ଅଫିସରେ ସାଇବର ସେଲ୍ କାର୍ଯ୍ୟକାରୀ ହେଉଛି । ଜନସାଧାରଣ ଏ ସମସ୍ତ ସୁବିଧା ଓ ସୁଯୋଗର ସଦୁପୋଯୋଗ କରିପାରିବେ । କେବଳ ସାଇବର ଥାନା ଗୁଡିକରେ ଯେ ସାଇବର ଅପରାଧ ପଞ୍ଜୀକୃତ ହେବ ତାହା ନୁହେଁ, ଯେଉଁ ଜିଲ୍ଲାରେ ସାଇବର ପୋଲିସ ଷ୍ଟେସନ ନାହିଁ ସେହି ଜିଲ୍ଲାଗୁଡିକରେ ନିଜ ନିଜର ହୋମ୍ ପୋଲିସ ଷ୍ଟେସନରେ ଅଭିଯୋଗ ପତ୍ର ଦାଖଲ କରିବାରେ କିଛି ଅସୁବିଧା ନାହିଁ । ସେ ଥାନାର ପୋଲିସ ବାବୁମାନେ ଅଭିଯୋଗକୁ ପଞ୍ଜୀକୃତ କରି ତଦନ୍ତ କରିପାରିବେ । ସାଧାରଣତଃ ଭାରତୀୟ ଦଣ୍ଡବିଧି ଆଇନ ୧୮୬୦ ଓ Information Technology Act-୨୦୦୦ ର ବିଭିନ୍ନ ଦଫାରେ ସାଇବର ଅପରାଧଗୁଡିକୁ ପଞ୍ଜୀକୃତ କରାଯାଇ ତଦନ୍ତ କରାଯାଏ । ଆମ୍ଭେ ଜାଣିବା ଉଚିତ୍ ଯେ କେଉଁ ପ୍ରକାର ଠକେଇ ହେଲେ ସାଇବର ଥାନାର ସହାୟତା ନେବାକୁ ପଡିବ । ଧରାଯାଉ ଜଣେ ବ୍ୟକ୍ତି ନିଜର ଅସଲ ପରିଚୟକୁ ଗୋପନ ରଖି ନିଜକୁ ଜଣେ ବ୍ୟାଙ୍କ ମ୍ୟାନେଜର ଭାବରେ ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କୁ ଯାଇ କହେ, ଯେ ତୁମର ଲୋନ୍ ସ୍ୟାଙ୍କସନ୍ ହୋଇଯାଇଛି, ଆପଣ ୧୦ ହଜାର ଟଙ୍କା ପ୍ରୋସେସିଙ୍ଗ ଚାର୍ଜ ଦେଲେ ଆପଣଙ୍କ ଆକାଉଣ୍ଟକୁ ଲୋନ୍ ଟଙ୍କା କ୍ରେଡିଟ୍ ହୋଇଯିବ । ସେହି ବ୍ୟକ୍ତି ଜଣକ କିଛି ନବୁଝି ନସୁଝି ଯଦି ୧୦ ହଜାର ଟଙ୍କା ଦେଇଦେଲା ତାହା ହେଲେ ସେ ପ୍ରକୃତ ବ୍ୟାଙ୍କ ମ୍ୟାନେଜରଙ୍କୁ ଟଙ୍କା ଦେଲା ନାହିଁ, ଜଣେ ଠକ ହାବୁଡରେ ସେ ପଡିଲା । ଏହି ପ୍ରକାର ଅପରାଧରେ ସେ ବ୍ୟକ୍ତି ଜଣକ ନିଜ ହୋମ୍ ପୋଲିସ ଷ୍ଟେସନରେ ଅଭିଯୋଗ ପତ୍ର ଦାଖଲ କରିପାରନ୍ତି । ବ୍ୟାଙ୍କ ମ୍ୟାନେଜର ବୋଲି ପରିଚୟ ଦେଇ ଟଙ୍କା ହଡପ କରିଥିବା ବ୍ୟକ୍ତି ଜଣକ ଯଦି ନିଜେ ନ ଆସି ଟେଲିଫୋନ କିମ୍ବା ହ୍ୱାଟସ୍ଆପ ମେସେଜ୍ ମାଧ୍ୟମରେ ପ୍ରଭାବିତ କରି କୌଣସି ଫର୍ଜ ଆକାଉଣ୍ଟ ଜରିଆରେ ଟଙ୍କା ନେଇଥାଏ, ଏହି ପ୍ରକାର ଅପରାଧ ସାଇବର ପୋଲିସ ଷ୍ଟେସନରେ ଅଭିଯୋଗ କଲେ ସଠିକ୍ ତଦନ୍ତ କରାଯାଇଥାଏ । ନିଜ ନାମ ଗୋପନ ରଖି ଅନ୍ୟ ନାମରେ ନିଜର ପରିଚୟ ଦେଇ ଅନଲାଇନ୍ ମାଧ୍ୟମରେ କରୁଥିବା ଠକେଇକୁ ଓୟରଭଷ୍ପସଷ୍ଚ ଷ୍ପଷରଲଷ୍ପ କହନ୍ତି । ଅନ୍ୟ ଲୋକ ନାଁରେ ଫେସବୁକ୍ ଆକାଉଣ୍ଟ ଖୋଲି ସେହି ଲୋକ ନାଁରେ ପଇସା ମାଗିବା, ଇ-ମେଲ୍ ଆଇଡିକୁ ହ୍ୟାକ୍ କରି ଡାଟା ଚୋରି କରିବା, ଫର୍ଜ ଡକ୍ୟୁମେଣ୍ଟ ଦେଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଲୋନ୍ ନେଇ ବ୍ୟାଙ୍କକୁ ଚକମା ଦେବା, କୌଣସି ପ୍ରତିଷ୍ଠିତ ବ୍ୟକ୍ତିର ରେପୁଟେସନକୁ ପବ୍ଲିକ୍ଲି ବଦନାମ କରିବା ପାଇଁ ତାର କୌଣସି ବ୍ୟକ୍ତିଗତ ଓ ଗୋପନୀୟ ତଥ୍ୟକୁ ଚୋରି କରି ସୋସିଆଲ ମିଡିଆରେ ଭାଇରାଲ୍ କରିବା, କୌଣସି ପ୍ରେମିକାର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ପଇସା ନ ଦେଇପାରିବାରୁ କିମ୍ବା ଅନ୍ୟ କିଛି କାରଣ ପାଇଁ ପ୍ରେମିକ ଯଦି ସୋସିଆଲ ମିଡିଆରେ ସେ ଫଟୋକୁ ଭାଇରାଲ କରିବା ଭଳି ଅଭିଯୋଗ ଆଧାରରେ ସାଇବର ପୋଲିସ ଷ୍ଟେସନରେ ମୋକଦ୍ଦମା ରୁଜୁ ହୋଇପାରିବ । ଦିନକୁ ଦିନ ନୂଆ ନୂଆ ଟେକ୍ନୋଲୋଜି ଆମ ପାଖକୁ ଆସୁଛି, ତା'ର ସୁଫଳ ମଧ ଦେଖିବାକୁ ମିଳୁଛି, ତା ସହିତ ନୂଆ ନୂଆ ଅପରାଧ ମୁଣ୍ଡ ଟେକୁଛି । କମ୍ପ୍ୟୁଟର, ଲାପଟପ୍, ସ୍ମାର୍ଟ ଫୋନର ଉଦ୍ଭାବନ ଫଳରେ ଦେଶର ପ୍ରଗତିରେ ଏକ ବିପ୍ଳବ ଆସିଛି କହିଲେ ଭୁଲ ହେବ ନାହିଁ । କିନ୍ତୁ ତାର ଅନେକ କୁପ୍ରଭାବ ଆମ ସମାଜ ଉପରେ ଦେଖିବାକୁ ମିଳୁଛି । ଅପରାଧର ଦିଗ ପରିବର୍ତ୍ତନ ହୋଇଛି, ଅପରାଧୀ ପୃଥିବୀର କୌଣସି ଏକ କୋଣରେ ବସି ତାର ଅପରାଧ ସାମ୍ରାଜ୍ୟକୁ ଚଲାଇ ପାରୁଛି । କଥାରେ ଅଛି, ପୋଲିସ ଠାରୁ ଚୋର ଅଧିକ ସିଆଣିଆ । ଆଗେ ଆଗେ ଚୋର, ପଛେ ପଛେ ପୋଲିସ । ଦିନକୁ ଦିନ ସାଇବର ଅପରାଧ ବିଶ୍ୱରେ ଏପରିକି ଆମ ରାଜ୍ୟରେ କାୟା ବିସ୍ତାର କରିଚାଲିଛି । ଏନସିଆରବିର ଡାଟା ଅନୁଯାୟୀ ୨୦୧୮ ମସିହାରେ ଭାରତରେ ୨୭,୨୪୮ ସାଇବର ଅପରାଧ ପଞ୍ଜୀକୃତ ହୋଇଥିଲା । ୨୦୧୯ ମସିହାରେ ଓଡିଶାରେ ୧୪୭୭ଟି ମୋକଦ୍ଦମା ରୁଜୁ ହୋଇଥିବା ବେଳେ ୨୦୨୦ରେ ୧୯୩୧ ଗୋଟି ଅପରାଧର ଅଭିଯୋଗ ପଞ୍ଜୀକୃତ ହୋଇଥିଲା, ଯାହାକି ୨୦୧୯ ତୁଳନାରେ ୩୧% ଅଧିକ । କେବଳ ସଚେତନତା ଅଭାବରୁ ଏହି ପ୍ରକାର ଅପରାଧର ମାତ୍ରା ବଢି ବଢି ଚାଲିଛି । ସାଇବର ଅପରାଧରୁ ନିଜକୁ ବଂଚାଇବାକୁ ହେଲେ ଆମ୍ଭମାନଙ୍କୁ କିଛି ସତର୍କତାମୂଳକ ପଦକ୍ଷେପ ନେବାକୁ ପଡିବ । ନିଜର ଫୋନ କିମ୍ବା କମ୍ପ୍ୟୁଟରକୁ ସବୁବେଳେ ଲକ୍ କରି ରଖିବା ଉଚିତ ଓ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏପରିକି ନିଜର ଅତି ନିକଟତର ସାଙ୍ଗସାଥୀଙ୍କୁ ବ୍ୟବହାର ପାଇଁ ନଦେବା ଉଚିତ୍ । କାରଣ ସେମାନେ ଗୋପନୀୟ ଡାଟାକୁ ଚୋରି କରିନେଇପାରନ୍ତି । ଫୋନରେ ଷ୍ଟ୍ରଙ୍ଗ ୧୬ଟିକିଆ ପାସ୍ ୱାର୍ଡ ବ୍ୟବହାର କରିବା ଉଚିତ । ଫେସବୁକ, ଇ-ମେଲ ଓ ହ୍ୱାଟସଆପ ପାଇଁ ଅଲଗା ଅଲଗା ପାସୱାର୍ଡ ବ୍ୟବହାର କରିବା ଜରୁରୀ । କୌଣସି ପରିସ୍ଥିତିରେ ଯେପରି ହ୍ୟାକରମାନେ ପାସୱାର୍ଡର ସୁରାକ୍ ପାଇପାରିବେ ନାହିଁ । କୌଣସି ଅଜଣା ଫୋନ ନମ୍ବର ରିସିଭ ନ କରିବା ଉଚିତ, ଯଦି ବା କରାଯାଏ ତାହେଲେ କଲ୍ କରିଥିବା ବ୍ୟକ୍ତିର କଥାକୁ ଇନକ୍ୱାରି ନ କରି ବିଶ୍ୱାସ କରନାହିଁ । କୌଣସି ଲୋଭର ବଶବର୍ତ୍ତୀ ନ ହୋଇ କୌଣସି ପରିସ୍ଥିତିରେ ମୋବାଇଲକୁ ଆସିଥିବା ଓଟିପିକୁ ଅନ୍ୟ କାହା ସହିତ ସେୟାର କରନ୍ତୁ ନାହିଁ । ଓଟିପି ସେୟାର କରିଦେଲେ ଅପରାଧୀ ଡାଟା ହ୍ୟାକ୍ କରି ନେବାରେ ସଫଳ ହୋଇଯିବ । ସ୍ମାର୍ଡ ଫୋନ୍‌ରେ ଆଣ୍ଟିଭାଇରସ୍ ଲୋଡ କରାଯିବା ଉଚିତ , ଫଳରେ ପିସି କିମ୍ବା ନେଟୱାର୍କକୁ କ୍ଷତି ପହଂଚାଇବାରୁ ବଂଚାଇଥାଏ ଓ ଭାଇରସରୁ ରକ୍ଷା କରିଥାଏ । ଆଣ୍ଟିଭାଇରସ୍ ସଫ୍ଟୱେୟାର ହେଉଛି ଏକ ପ୍ରକାରର ପ୍ରୋଗ୍ରାମ୍ ଯାହାକି କମ୍ପ୍ୟୁଟରକୁ ଭାଇରସ୍, ସ୍ପାଏୱେୟାର, ବିଟ୍‌ନେଟ୍, କିଲ୍‌ଗର ଇତ୍ୟାଦି ମାଲୱେରରୁ ରକ୍ଷା କରିବା ପାଇଁ ପରିକଳ୍ପିତ ଏବଂ ବିକଶିତ ହୋଇଛି । ସାଧାରଣତଃ କମ୍ପ୍ୟୁଟରରେ ଆଣ୍ଟିଭାଇରସ୍ ଲୋଡ କରାଯାଇଥାଏ, କିନ୍ତୁ ସ୍ମାର୍ଟ ଫୋନରେ ଏ ପ୍ରକାର ଆଣ୍ଟିଭାଇରସ୍ ଲୋଡ କରାଯିବା କ୍ୱଚିତ୍ ଦେଖାଯାଏ । security point of view ରୁ ଲୋଡ୍ କରିଦେବା ଆବଶ୍ୟକ । ଯଦି ଆମେ ଟିକେ ସଜାଗ ରହିବା, କୌଣସି କଥାକୁ ବିଚାର ବିମର୍ଶ ନ କରି ବିଶ୍ୱାସ କରିଯିବା ଭଳି କାର୍ଯ୍ୟରୁ ଦୂରେଇ ରହିବା, ତା ହେଲେ ଆମେ କୌଣସି ସାଇବର ଅପରାଧୀମାନଙ୍କ ଦ୍ୱାରା ଠକାମୀର ଶିକାର ହେବା ନାହିଁ । ଯଦି ଜଣେ ବ୍ୟକ୍ତି ଠକାମୀର ଶିକାର ହୁଏ ଓ ତାର ବ୍ୟାଙ୍କ ଆକାଉଣ୍ଟରୁ ସାଇବର ଅପରାଧୀମାନଙ୍କ ଦ୍ୱାରା ପଇସା ଚାଲିଯାଏ, ସେ ୨୪ ଘଣ୍ଟା ଭିତରେ ଭାରତ ସରକାରଙ୍କ ଗୃହ ବିଭାଗ ଦ୍ୱାରା(MHA)ଟେଲିଫୋନ ନମ୍ବର ୧୫୫୨୬୦କୁ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଟେଲିଫୋନ ନମ୍ବରରେ ଡାଏଲ କରି ସମସ୍ତ ବିବରଣୀ ପ୍ରଦାନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ଏପରିକି ଟଙ୍କା ଫେରି ପାଇବାର ଗ୍ୟାରେଣ୍ଟି ଶତ ପ୍ରତିଶତ ଥାଏ । ଅଭିଯୋଗଟି ପାଇବା ପରେ ରିଜର୍ଭ ବ୍ୟାଙ୍କ ସମେତ ସମସ୍ତ ବ୍ୟାଙ୍କକୁ ତୁରନ୍ତ ଜଣାଇ ଦିଆଯାଇଥାଏ, ଫଳରେ ଟଙ୍କାଟି ଠକ ହାତକୁ ଯିବା ପୂର୍ବରୁ ରହିଯାଇଥାଏ । ୨୪ ଘଣ୍ଟା ପରେ ଯଦି ଠକାମୀ ଜଣାପଡେ, ତାହେଲେ National Cyber Crime Reporting Portal କୁ ଯାଇ ଅଭିଯୋଗ ଦାଖଲ କଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ । ଏତଦ୍ ବ୍ୟତୀତ ସାଇବର ପୋଲିସ ଷ୍ଟେସନ, ହୋମ ପୋଲିସ ଷ୍ଟେସନ, କ୍ରାଇମବ୍ରାଂଚକୁ ଯାଇ ସାଇବର ଅପରାଧ ସମ୍ବନ୍ଧୀୟ ଅଭିଯୋଗ ଦାଖଲ କରାଯାଇପାରିବ ।

ଅବସରପ୍ରାପ୍ତ ପୋଲିସ ଅଫିସର
୮୨୪୯୨୮୧୫୬୭

## ଆଗଲପୁର ବ୍ଲକ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଓ ଏସ୍ ପି ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ବଲାଙ୍ଗିର ,(ପି.ଏନ): ମଇ ମାସ ପାଇଁ ଜିଲ୍ଲାପାଳ ଓ ଏସ୍ ପି ଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁସାରେ ଆଜି ଆଗଲପୁର ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ରେ ଜିଲ୍ଲାପାଳ ଚଂଚଲ୍ ରାଣା ଆରକ୍ଷୀ ଅଧିକ୍ଷକ ନୀତିନ୍ କୁଶଲକର, ଡି ଏଫ୍ ଓ ନୀତିଶ କୁମାର ପି ଡି ଡି ଆର୍ ଡିଏ ସୁଶାନ୍ତ କୁମାର ସିଂହ ବଲାଙ୍ଗିର ଉପଜିଲ୍ଲାପାଳ ଲମ୍ବୋଧର ଧାରୁଆ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଆଗଲପୁର ବ୍ଲକ ବିଡିଓ ତହସିଲଦାର ତଥା ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ଅଂଚଳର ବିଭିନ୍ନ ସମସ୍ୟା ମୂଳକ ମୋଟ ୨୩୧ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ଏଥରୁ ୨୦୮ଟି ବ୍ୟକ୍ତିଗତ ମୂଳକ ହୋଇଥିବା ବେଳେ ଅବଶିଷ୍ଟ ୨୩ ଟି ସାମୁହିକ ଥିଲା । ଦରଖାସ୍ତ ଗୁଡିକ ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ଗୁଡିକ ତୁରନ୍ତ ସମାଧାନ ପାଇଁ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନ ଅଭିଯୋଗ ଶୁଣାଣି ରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସହାୟତା ପ୍ରଦାନ କରାଯାଇ ଥିଲା । ସୌଦାଗର ନାହାକ ଓ ମମିତା ଦାସଙ୍କୁ ବିବାହ ପ୍ରୋତ୍ସାହନ ରାଶି ସହାୟତା ବାବାଦରେ ୨ ଲକ୍ଷ ୫୦ ହଜାର ଟଙ୍କା ଚେକ୍ ଜିଲ୍ଲାପାଳ ପ୍ରଦାନ କରିଥିଲେ । ସେପରି ୬ ଜଣ ତୃତୀୟ ଲିଙ୍ଗୀଙ୍କୁ ମାନପତ୍ର ଓ ପରିଚୟ ପତ୍ର, ତିନି ଜଣ ହିତାଧୀକାରିଙ୍କୁ ଜାତୀୟ ପରିବାର ସହାୟତା ଯୋଜନାରେ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ସହାୟତା,ଜଣଙ୍କୁ ସେରିବ୍ରାଲ୍ ପାଲିସି ଚେୟାର ଓ ଜଣଙ୍କୁ ହୁଇଲ ଚେୟାର ଜିଲ୍ଲାପାଳ ପ୍ରଦାନ କରିଥିଲେ । ଚିକିତ୍ସା ସହାୟତା ନିମନ୍ତେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୋଟ ୨୫ ହାଜର ଟଙ୍କା ଚେକ୍ ମଧ୍ୟମ ରେ ପ୍ରଦାନ କରିଥିଲେ । ବୃନ୍ଦାବନ ମେହେର ଓ ଲୋଚନ ହରପାଲ ୧୦ ହାଜର ଲେଖା ଗୋବିନ୍ଦ ଭୁଏଙ୍କୁ ୫ ହଜାର ସହାୟତା ରାଶି ପ୍ରଦାନ କରାଯାଇଛି ।ମଇ ୩୧ ତାରିଖରେ ସଇଁତଲା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଶୁଣାଣୀ ହେବ । ମଇମାସ ଶେଷ ସୋମବାର ସରକାରୀ ଛୁଟି ଦିବସ ହୋଇଥିବାରୁ ତା ପରଦିନ ମଙ୍ଗଳବାର ସକାଳ ୮ଟାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ହେବ । ଏହାର୍ ସୁଯୋଗ ନେଇ ସମ୍ପୃକ୍ତ ଅଂଚଳରେ ଜନସାଧାରଣ ଯୋଗ ଦେଇ ନିଜର ଆବେଦନ ଦେବାକୁ ଅନୁରୋଧ କରାଯାଇଛି ।

## ସୁରେଶ ସାହୁ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପାଟଣାଗଡ଼ ଥାନା ଘେରାଉ

ବଲାଙ୍ଗିର ,(ପି.ଏନ):ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡରେ ଦିନକୁଦିନ ବେଆଇନ କାର୍ଯ୍ୟକଳାପ ଓ ଅପରାଧିକ ମାମଲା ବଢି ଚାଲିଥିବା ବେଳେ ପାଟଣାଗଡ଼ ଅଂଚଳର ଜନସାଧାରଣ ଅସୁରକ୍ଷିତ ମନେ କରୁ ଛନ୍ତି । ଗତ ୧୭ ଦିନ ତଳେ ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ ଥିବା କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କୁ କେହି ଜଣେ ହତ୍ୟା କରି କପା କିଆରୀରେ ଫିଙ୍ଗି ଦେଇଥିବାବେଳେ ଆଜି ପର୍ଯ୍ୟନ୍ତ ପାଟଣାଗଡ଼ ପୋଲିସ କାହାକୁ ଧରିପାରୁ ନାହିଁ । ପୋଲିସର ଏଭଳି ଅପାରଗତାକୁ ଅଂଚଳବାସୀ ଦୃଢ଼ ନିନ୍ଦା କରୁଛନ୍ତି । ଏବଂ ଜେଇ ଙ୍କୁ ହତ୍ୟା କରିଥିବା ଅପରାଧୀମାନଙ୍କୁ ଗିରଫ କରିବା ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରିଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ । ସେଥିପାଇଁ କୋଶଳ ମୁକ୍ତି ମୋର୍ଚ୍ଚା ତରଫରୁ ଆନ୍ଦୋଳନ ପାଇଁ ଏକ ଲିଖିତ ଅଭିଯୋଗ କରିଥିଲେ । ଏବଂ ଲିଖିତ ଅଭିଯୋଗ ଅନୁଯାୟୀ ଆଜି ପାଟଣାଗଡ଼ ଗଡ ଭିତରୁ ଏକ ଶୋଭାଯାତ୍ରା ବାହାରି ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରଚଣ୍ଡ ଖରାକୁ ଆଖି ଆଗରେ ରଖି ଏକ ଟେଂଟ ଲଗାଇବାକୁ ଚେଷ୍ଟା କରିଥିବା ବେଳେ ପୋଲିସ କର୍ମଚାରୀମାନେ ତାଙ୍କୁ ବାରଣ କରିଥିଲେ । ତଥାପି ୪୫% ଖରାକୁ ଖାତିର ନକରି ଆନ୍ଦୋଳନ ଜାରି ରଖିଥିବାବେଳେ ତନ୍ମଧ୍ୟରୁ ୩ ଜଣ ଅସୁସ୍ଥ ହୋଇ ପୋଲିସ ଗାଡିରେ ମେଡିକାଲ ଯାଇଥିଲେ । ପରିସ୍ଥିତିକୁ ଦେଖି ପାଟଣାଗଡ଼ ଏସ୍ ଡି ପି ଓ ଜ୍ୟୋତିର୍ମୟ ଭୁକ୍ତା ବାହାରକୁ ଆସି ଆନ୍ଦୋଳନକାରୀ ମାନଙ୍କୁ ବୁଝାଇବାକୁ ଚେଷ୍ଟା ଚଳାଇଥିଲେ । ହେଲେ ଆନ୍ଦୋଳନକାରୀ ମାନେ ସିଧାସଳଖ ଏସ୍ ଡି ପି ଓ ଙ୍କୁ ଅପରାଧି ଙ୍କୁ କେବେ ଧରିବେ ବୋଲି କହିଥିଲେ । ଏସ୍ ଡି ପି ଓ ପ୍ରଶ୍ନ ବାଣରେ ଘାଇଲା ହୋଇ ନିଜ ଚ୍ୟାମ୍ବର କୁ ପଲାୟନ କରିଥିଲେ । ପ୍ରଚଣ୍ଡ ରୌଦ୍ରତାପରେ ସମସ୍ତେ ବଲାଙ୍ଗିର ଏସ୍ ପି ନ ଆସିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ମାନେ ରାତି ପର୍ଯ୍ୟନ୍ତ ଧାରଣାରେ ଆଡେଇ ବସିଛନ୍ତି । ସକାଳ ୯ଟାରୁ ରାତି ୮ଟା ହେଲା ଆନ୍ଦୋଳନ ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ ଜିଲ୍ଲା ପୋଲିସ ବିଭାଗ ମୁଖ୍ୟ ଆନ୍ଦୋଳନ କାରୀ ଙ୍କୁ କୋଣସି ଦୃଷ୍ଟିରୁ ପ୍ରତ୍ୟାହାର ପାଇଁ ପଦକ୍ଷେପ ନେଇ ନାହାନ୍ତି ।

### କୁଜଙ୍ଗରେ ସାତଦିନ ବ୍ୟାପି ସାଂସ୍କୃତିକ ମହୋତ୍ସବ : ମା', ମାଟି ଆଉ ସଂସ୍କୃତିର ଏକ ଅନନ୍ୟ ନିଦର୍ଶନ

କୁଜଙ୍ଗ : ସଂସ୍କୃତି ଓ ସଭ୍ୟତା ହେଉଛି ମା ମାଉ ମାଟିର ବାସ୍ନା । ସଂସ୍କୃତି ହି ଆମକୁ ଉଜ୍ଜୀବିତ ରହିବାକୁ ପ୍ରେରଣା ଯୋଗାଏ । ଏହି ପରିପ୍ରେକ୍ଷୀରେ କୁଜଙ୍ଗ ଠାରେ ସାତଦିନ ବ୍ୟାପି ସାଂସ୍କୃତିକ ମହୋତ୍ସବ ପାଳିତ ହେଉଅଛି । ପ୍ରଥମ ଦିନରେ ମାନ୍ୟବର ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ଉଦଘାଟନ କରିଥିଲେ । ଉଦଘାଟନ ସମାରୋହରେ ସ୍ଥାନୀୟ ସାଂସଦ ଡ଼କ୍ଟର ରାଜଶ୍ରୀ ମଲ୍ଲିକ , ପାରାଦୀପର ବିଧାୟକ ସମ୍ବିତ ରାଉତରାୟ , କୁଜଙ୍ଗର ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଓ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମର ଆବାହକ ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଅଂଚଳର ପ୍ରତିଭାବାନ ସଂଗୀତଜ୍ଞ ମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

## ଖଜୁରିପଡା ରେ କେରିଅର କାଉନସିଲିଙ୍ଗ ମେଳା ଅନୁଷ୍ଠିତ

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକର ଗୁଦାରି ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ କେରିଅର କାଉନସିଲିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ନିୟୋଜନ ଅଧିକାରୀ ଭୃଙ୍ଗରାଜ ମହାନ୍ତି ଯୋଗ ଦେଇଥିବା ବେଳେ ସନମାନିତ ଅତିଥି ଭାବରେ କିଶୋର ପଣ୍ଡା ଅବସରର ପ୍ରାପ୍ତ ପୋଲିସ କମାଣ୍ଡେଣ୍ଟ , ଜ଼ିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼, ଜ଼ିଲ୍ଲା ଶିକ୍ଷ କେନ୍ଦ୍ର ଫୁଲ ବାଣୀ ର ରାମ ଚନ୍ଦ୍ର ମାଝୀ, ମାଧବ ଚନ୍ଦ୍ର ତରିୟା, ଆଇନିଯିବି ମନୋଜ କୁମାର ପଟ୍ଟନାୟକ, ମା ବ୍ରାମଣୀ ଦେବୀ ଟୁ ଯୁବ କ ସଙ୍ଘ ର ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା ଏବଂ ନେହରୁ ଯୁବ କେନ୍ଦ୍ର କେନ୍ଦ୍ର ଫୁଲବାଣୀ ର ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର ଏବଂ ସହକର୍ମୀ ସତ୍ୟବାନ ଦଳବେହେରା ପ୍ର ମୁଖ ଯୋଗ ଦେଇ ଥିଲେ । ଅନୁ ଠି ତ କାର୍ଯ୍ୟକ୍ରମ କୁ କନ୍ଧମାଳ ଜ଼ିଲ୍ଲା ର ପ୍ରତେକ ବ୍ଲକ ର ଯୁବକ ଓ ଯୁବତୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ସରକାର ଙ୍କର ବିଭିନ୍ନ ବିଭାଗ ର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରା ଯାଇଥିଲା ୧ଏହି ଦିବସରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଏଥିରେ ପ୍ରଥମ ରେଖା ବେହେରା, ଦ୍ୱିତୀୟ ସିଦ୍ଧାନ୍ତ କୁମାର ବେହେରା ଏ ବଂ ତୃତୀୟ ବିମଳ ଡିଗାଲ ହୋଇ ଥିଲେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି,ପ୍ରଣାମ ପତ୍ର ଦେ ଇ ପୁରସ୍କୃତ ଅତିଥି ମାନଙ୍କ ଦ୍ୱାରା କରା ଯା ଇ ଥିଲା । ମୁଖ୍ୟ ଅତିଥି ଅନୁ ଥିତ ଦିବସ ର ମୁକ୍ଷ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉ ପ ଥି ତ ଯୁବ ଭାଇ ଓ ଭଉଣୀ ଅବ ଗତ କରିଥିଲେ । ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜ଼ିଲ୍ଲା ଯୁବ ଅଧିକାରୀ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ କାର୍ଯ୍ୟାଳୟ ର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ । ପରି ସେଶ ରେ ସ୍ୱେଚ୍ଛା ସେବୀ ସୋନାଲି ଡିଗାଲ ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି, ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

MAHARISHI PUBLIC SCHOOL
2021-2022

ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






## ଠାକୁର ଅଭିରାମ ପରମହଂସଙ୍କ ଜିଲ୍ଲାସ୍ତରୀୟ ଭକ୍ତ ସମ୍ମିଳନୀ ୨୭ରେ

ଧର୍ମଶାଳା, ୨୪/୫(ପିଏନ୍): ଧର୍ମଶାଳା ବ୍ଲକ ଜାରକା ଜେମାଶୁଣୀ ପୀଠରେ ପରମ ପ୍ରେମମୟ ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜିଲ୍ଲାସ୍ତରୀୟ ଭକ୍ତ ମିଳନ ତଥା ସନାତନ ଧର୍ମସମ୍ମିଳନୀ ଆସ˚। ୨୭ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଉଦଯାପିତ ହେବ । ତିନିଦିନ ବ୍ୟାପି ଅନୁଷ୍ଠିତ ସମ୍ମିଳନୀରେ ଯଥାରିତି ପୂଜାର୍ଚ୍ଚନା, ଭଜନ କିର୍ତନ ନାମ ଜଞ୍ଜ, ପ୍ରବଚନ ପାଲା, ଗୋଟିପୁଅ ନାଚ ଓ ଅଧ୍ୟାପକ ଡ. ଭିକାରୀ ଚରଣ ସାମଲଙ୍କ ନିର୍ଦ୍ଦେଶନାରେ ଲୀଳା ନାଟକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ପରମଳା ଶାଁ ଆନନ୍ଦାଶ୍ରମର ପୂଜ୍ୟ ବାବାଜି ସନାତନ ଦାସ, ହରେକୃଷ୍ଣ ଦାସ, ବନବିହାରୀ ଦାସ, ରାଧାରମଣ ଦାସ ଓ ବହୁ ସାଧୁସନ୍ଥମାନେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ଜିଲ୍ଲା ଅଭିରାମ ପରମହଂସ ଦେବ ଭକ୍ତଗୋଷ୍ଠୀ ପକ୍ଷରୁ ନିବେଦନ କରାଯାଇଛି ।

## ଭଲିବଲ ପ୍ରତିଯୋଗିତା ନିମନ୍ତେ ଯୋଗାଯୋଗ

ବାଲେଶ୍ୱର ,(ପି.ଏନ): ଓଡ଼ିଶା ଭଲିବଲ ଆସୋସିଏସନ, ରାଜ୍ୟ କ୍ରିଡ଼ା ଯୁବ ସେବା ବିଭାଗ ଓଡ଼ିଶା ଓ ବାଲେଶ୍ୱର ଜିଲ୍ଲା ଆଥିଲେଟିକ ଅସୋସିଏନର ମିଳିକ ଆନୁକୁଲ୍ୟରେ ୧୪ ବର୍ଷ, ୧୬ ବର୍ଷ ଓ ୧୮ ବର୍ଷ ବାଳକ ଓ ବାଳିକା ବର୍ଗରେ ସପ୍ତାହନ୍ତ ଭଲିବଲ ପ୍ରତିଯୋଗିତା ଆସନ୍ତା ୨୮/୫/ ୨୦୨୨ ଓ ୨୯/୫/୨୦୨୨ ରିଖରେ ଆର୍ମିଳା ସ୍ଥିତ କିସ୍ ପ୍ରାଙ୍ଗଣରେ ଆୟୋଜିତ ହେବ। ଆଗ୍ରୋହି ଭଲିବଲ ଖେଳାଳି ଓ ଟିମ ମବାନେ ନିଜ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧର କାର୍ଡ଼ ସାଙ୍ଗରେ ନେଇ ଉକ୍ତ ଦିନ ଏହି ପ୍ରତିଯୋଗତାରେ ଅଂଶ ଗ୍ରହଣ କରିପାରିବେ। ଏ ସମ୍ପର୍କରେ ସବିଶେଷ ବିବରଣୀ ଜାଣିବା ନିମନ୍ତେ ଜିଲ୍ଲା କ୍ରିଡ଼ା ଅଧିକାରୀ କିମ୍ବା ସେକ୍ରେଟେରୀଙ୍କୁ ଯୋଗାଯୋଗ ଆସନ୍ତା ୨୬/୫/ ୨୦୨୨ ରିଖ ସୁଧା ଜଣାଇଛନ୍ତି।

## ଓଡିଶା ଟେନିସ କ୍ରିକେଟ ଟିମରେ ସ୍ଥାନ ପାଇଥିବା ଖେଳାଳୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪/୫(ପିଏନ୍): ଓଡିଶା ଟେନିସ କ୍ରିକେଟ ଟିମରେ ସ୍ଥାନ ପାଇଥିବା ଧର୍ମଶାଳା ନିର୍ବାଚନମଣ୍ଡଳୀ ବାରବାଟୀ ଗ୍ରାମର ଶିବସୁନ୍ଦର ଦାସଙ୍କୁ ଆଜି ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଖବର ପାଇ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ସଦସ୍ୟମାନଙ୍କ ସହିତ ସେଠାରେ ପହଁଚି ଶିବସୁନ୍ଦରଙ୍କୁ ସମ୍ବର୍ଦ୍ଧନା ଦେବା ସହ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଭବିଷ୍ୟତରେ ସେ ଆ˚ର୍ଜାତୀୟ ସ୍ତରରେ ସୁଯୋଗ ପାଇବେ ବୋଲି ଆଶାକରିଛନ୍ତ । ଶିବସୁନ୍ଦର ଜଣେ ଦୃତଗାମୀ ବୋଲ ଭାବେ ସିକେ ନାଇଡୁ ଟ୍ରଫି ଓ କଳାହାଣ୍ଡି କପ କ୍ରିକେଟ ଖେଳି ଗୌରବ ହାସଲ କରିଛନ୍ତି । ଆସନ୍ତା ୨୬ ତାରିଖରେ ଜଟଣୀ ଠାରେ ହେବାକୁଥିବା ଚତୁର୍ଥ ଫେଡରେସନ କପ ଟେନିସ କ୍ରିକେଟ ମ୍ୟାଚ ପାଇଁ ଓଡିଶା ଦଳ ପକ୍ଷରୁ ଖେଳିବା ପାଇଁ ମନୋନିତ ହୋଇଛନ୍ତି ।

## ଯୁବକଙ୍କୁ ଭୁଜାଲିରେ ହାଣିଥିବା ଅଭିଯୁକ୍ତ ବୁଲୁଛି: ପୋଲିସ କହୁଛି ଚଢାଉ ବେଳେ ଅଭିଯୁକ୍ତ ଫେରାର ହୋଇଛି

କେନ୍ଦ୍ରାପଡ଼ା, ୨୪।୫: ଜଣେ ଯୁବକଙ୍କୁ ଭୁଜାଲିରେ ହାଣିଥିବା ଅଭିଯୁକ୍ତ ଜଣଙ୍କ ବୁଲୁଛି। କିନ୍ତୁ ପୋଲିସ କହୁଛି ଆମେ ଅଭିଯୁକ୍ତକୁ ପାଉନୁ। ତେଣୁ ହଣା ଖାଇଥିବା ଯୁବକଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟି ଏନେଇ ଅଭିଯାଗ କରିଛନ୍ତି। ହଣା ଖାଇଥିବା ଯୁବକ ଜଣକ ହେଉଛନ୍ତି ଟାଉନ୍ ଥାନା ଅନ୍ତର୍ଗତ ଜୟୀପୁରାର ଶୁଭ୍ରାଂଶୁ ନାୟକ। ଭୁଜାଲି ଚୋଟରେ ଶୁଭ୍ରାଂଶୁଙ୍କ ବାମ ହାତ ହାଡ କଟି ଯାଇଛି। ସେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ହେଲେ ଶୁଭ୍ରାଂଶୁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ନାଲୁକୁ ପୁଲିସ ଗିରଫ କରୁନାହିଁ ବୋଲି ଶୁଭ୍ରାଂଶୁଙ୍କ ପତ୍ନୀ ଶୁଭଶ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦ ତାରିଖ ରାତି ପ୍ରାୟ ୮ଟା ସମୟରେ ଶୁଭ୍ରାଂଶୁ ମେଡିକାଲ ଛକର ମହାଭୋଇ ପୋଖରୀ ନିକଟସ୍ଥ କନକ ଔଷଧ ଦୋକାନ ନିକଟରେ ଛିଡା ହୋଇଥିବା ବେଳେ ନାଲୁ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲା। ଏହାଦ୍ୱାରା ସେ ଗୁରୁତର ଆହତ ହୋଇ ପ୍ରଥମେ କେନ୍ଦ୍ରାପଡ଼ା ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଏବେବି ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏକ୍ସରେ ହେବା ପରେ ତାଙ୍କ ବାମ ହାତ ହାଡ କଟି ଯାଇଥିବା



ଜଣାପଡିଥିଲା। ଏ ନେଇ ପରିବାର ଲୋକେ ପୋଲିସକୁ ଜଣାଇଲେ ମ୍ଭ ପୋଲିସ ଅଭିଯୁକ୍ତ ନାଲୁକୁ ଗିରଫ କରୁନାହିଁ ବୋଲି ପରିବାର ପକ୍ଷରୁ ଏସ୍‌ପିଙ୍କୁ ଅଭିଯୋଗ କରାଯାଇଛି। ସେହିପରି ପରିବାର ଲୋକେ କହିଛନ୍ତି ଗତ ୨୦୨୦ ମସିହା ଅକ୍ଟୋବର ମାସରେ ନାଲୁ ଏହିପରି ଭାବେ ଆକ୍ରମଣ କରିଥିଲା। ହେଲେ ପୋଲିସ ଏହାର ରଫାଦଫା କରି ଦେଇଥିଲା। ଯାହା ଫଳରେ ନାଲୁର ଅଧିକ ସାହାସ ବଢିଲା ପୁନର୍ବାର ଆକ୍ରମଣ କରିବା ପାଇଁ। ପୋଲିସ ସେତେବେଳେ କଠୋର ହୋଇଥିଲେ ଓ ନାଲୁକୁ ଗିରଫ କରି ଜେଲକୁ ପଠାଇଥିଲେ ସେ ପୁନର୍ବାର ଆକ୍ରମଣ କରିବାକୁ ସାହାସ କରି ନ ଥାନ୍ତା। ଘଟଣା ସମ୍ପର୍କରେ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିଯୁକ୍ତକୁ ଧରିବା ପାଇଁ ଆମେ ଚଢାଉ ଜାରି ରଖିଛୁ। କିନ୍ତୁ ଅଭିଯୁକ୍ତ ଫେରାର ହୋଇ ଯାଉଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ପାରାଦୀପରେ ସି.ଜେ.ଏମ୍ କୋର୍ଟ ଓ ଜେ.ଏମ୍.ଏଫ.ସି. କୋର୍ଟ ସ୍ଥାପନ ପାଇଁ ଦାବୀ

ପାରାଦୀପ,(ପି.ଏନ); ପାରାଦୀପ ଭଳି ଶିଳ୍ପ ସମୃଦ୍ଧ ସହରର ସୁରକ୍ଷା ପାଇଁ ପାରାଦୀପ ଆଦର୍ଶ ଥାନା, ପାରାଦୀପ ମେରାଇନ୍ ଥାନା, ଜଟାଧାର ମୁହାଣ ସାମୁଦ୍ରିକ ଥାନା, ପାରାଦୀପ ଲକ୍ ଥାନା, ଅଭୟଚାନ୍ଦପୁର ଥାନା ରହିଛି । ପ୍ରତ୍ୟେକ ଦିନ ଏହି ଥାନା ଅଂଚଳରେ ଛୋଟ ବଡ ଅପରାଧମାନ ଘଟୁଛି । ଘଟଣାର ଅଭିଯୁକ୍ତମାନଙ୍କୁ ପୋଲିସ୍ ଗିରଫ କରି ୨୦ କିଲୋମିଟର ଦୂର କୁଜଙ୍ଗର ଅଦାଲତ ଓ ୬୦ କିଲୋମିଟର ଦୂର ଜଗତସିଂହପୁର କୋର୍ଟରେ ହାଜର କରାଯାଉଛି । ଯାହାକି ସମୟ ସାପେକ୍ଷ ଓ ରାସ୍ତା ଭିଡ ରହୁଥିବାରୁ ଅନେକ ସମୟରେ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିବାରେ ଅଯଥାରେ ସମୟ ନଷ୍ଟ ହେଉଛି । ଏସବୁକୁ ଦୃଷ୍ଟିରେ ରଖି ପାରାଦୀପରେ ଚିଫ୍ ଜୁଡିସିଆଲ୍ ମାଜଷ୍ଟ୍ରେଟ୍ (ସି.ଜେ.ଏମ୍) କୋର୍ଟ ଓ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ (ଜେ.ଏମ୍.ଏଫ.ସି) ଅଦାଲତ ସ୍ଥାପନ କରିବାକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏନ୍.ଓ.ସି.ଫାଉଣ୍ଡେସନ୍ ଦାବୀ କରିଛି । ଏ ମର୍ମରେ ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ମଙ୍ଗଳବାର ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ଏନ୍.ଓ.ସି. ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ସଙ୍ଗଠନର ସଦସ୍ୟମାନେ ପାରାଦୀପରେ ଅଦାଲତ ତୁର˚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଛିଁ। ଭାରତବର୍ଷର ସମସ୍ତ ବନ୍ଦରମାନଙ୍କରେ ବିଚାର ବିଭାଗୀୟ ଅଦାଳତ ରହିଛି । ବୃହତ୍ତ ବନ୍ଦର ଆଇନ୍ ଅନୁଯାୟୀ ଦେଶର ପ୍ରତ୍ୟେକ ବନ୍ଦରମାନଙ୍କରେ ବିଚାର ବିଭାଗୀୟ ଅଦାଲତ ରହିବା କଥା । ହେଲେ ଏହାର ଏକ ବିରଳ ବ୍ୟତିକ୍ରମ ସାଜିଛି ପାରାଦୀପ । ଦେଶର ସମସ୍ତ ପ୍ରମୁଖ ବନ୍ଦରମାନଙ୍କୁ ବିଭିନ୍ନ ଦେଶମାନଙ୍କରୁ ବିଦେଶୀ ନାଗରିକ ମାନେ ଆସିଥାˆ । ସେମାନଙ୍କ ମଧ୍ୟରୁ କିଛି ଅପରାଧ ପ୍ରବଣ ବ୍ୟକ୍ତିମାନେ ଥାଆˆ । ସେମାନଙ୍କୁ ଗିରଫ କରାଯିବା ପରେ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ (ସି.ଜେ.ଏମ୍)ଙ୍କ କୋର୍ଟରେ ହାଜର କରାଯାଇଥାଏ । ପ୍ରକାଶଥାଉକି, ସରକାର ଓ ଦେଶର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଲୋକଙ୍କ ନିକଟରେ ଆଇନ୍ ସେବା ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଛିଁ । ଏହା ଫଳରେ ଆଇନଗତ ସେବା ପାଇବାରେ ଯେପରି ବିଳମ୍ବ ନହୁଏ ଏବଂ ଜନସାଧାରଣ ହଇରାଣର ସମ୍ମୁଖୀନ ନହୁଅˆ । ଏସବୁକୁ ଦେଖିଲେ ପାରାଦୀପ ଅଂଚଳର ଲୋକମାନେ ପାଖରେ ନ୍ୟାୟିକ ସେବା ପାଇବା ପାଇଁ ତୁର˚ ଏକ ଅଦାଲତ ଖୋଲାଯିବାର ଆବଶ୍ୟକତା ରହିଛି । ଏଣୁ ରାଜ୍ୟ ସରକାର ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପାରାଦୀପରେ ସି.ଜେ.ଏମ୍ କୋର୍ଟ ଓ ଜେ.ଏମ୍.ଏଫ.ସି, କୋର୍ଟ ତୁର˚ ସ୍ଥାପନ କରିବାକୁ ଫାଉଣ୍ଡେସନ୍ ପକ୍ଷରୁ ଦାବୀ କରାଯାଇଛି ।






## ବର୍ଷିଆନ ମାର୍କ୍ସବାଦୀ ନେତା ଶିବାଜୀ ପଟ୍ଟନାୟକଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର,(ପିଏନ) : ବର୍ଷିଆନ୍ କମ୍ୟୁନିଷ୍ଟ ନେତା, ଓଡିଶାରେ ସି.ପି.ଆଇ.(ଏମ୍)ର ଭଗିରଥ, ମାର୍କ୍ସବାଦୀ ଦାର୍ଶନିକ ଓ ତତ୍ୱବିତ୍ ଶ୍ରୀ ଶିବାଜୀ ପଟ୍ଟନାୟକଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ଶ୍ରୀ ପଟ୍ଟନାୟକଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ । ଛାତ୍ର ଅବସ୍ଥାରେ ଛାତ୍ର ଫେଡେରେସନ୍‌ରେ ଯୋଗ ଦେଇ ଟ୍ୟୁସନ୍ ଫିସ୍ ବୃଦ୍ଧି ବିରୋଧୀ ଆନ୍ଦୋଳନ ଏବଂ ରାଜ୍ୟ ପୁନର୍ଗଠନ ଆନ୍ଦୋଳନରେ ଯୋଗଦେଇ ନିଜର ସଂଗଠନିକ ପାରଦର୍ଶିତା ପ୍ରମାଣିତ କରିଥିଲେ । ପରେ ମାତ୍ର ୧୭ ବର୍ଷ ବୟସରେ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟତା ଲାଭ କରିଥିଲେ । ଏଥିସହ କୃଷକ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ମଧ୍ୟ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ପରେ ସେ ଓଡିଶାରେ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ବିଭିନ୍ନ ସ୍ଥାନରେ ସଂଗଠନମାନ ଗଠନ କରିଥିଲେ । ଦେଶର ଅନ୍ୟତମ ଶକ୍ତିଶାଳୀ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ "ସି.ଆଇ.ଟି.ୟୁ" ର ସେ ଥିଲେ ପ୍ରଥମ ସଭାପତି ଏବଂ ପାଖାପାଖି ଦେଢ ଦଶନ୍ଧି ଧରି ଏହି ପଦବୀରେ ରହିଥିଲେ । ୧୯୬୪ ମସିହାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଗଠନ ପରେ ଓଡିଶାରେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ । ୧୯୭୨ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟ କମିଟିର ସମ୍ପାଦକ, ୧୯୭୮ ରୁ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ର କମିଟିର ସଦସ୍ୟ ରହିଥିଲେ । ଜଣେ ଲୋକପ୍ରିୟ ନେତା ଭାବେ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ୩ ଥର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମଜିବୀ ଜନଗଣ ବିଶେଷ କରି ଓଡିଶାର ସ୍ୱାର୍ଥ ସମ୍ବଳିତ ସମସ୍ୟା ଗୁଡିକୁ ତୋଳି ଧରିଥିଲେ । ମାର୍କ୍ସବାଦୀ ସାହିତ୍ୟ ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା ।




ପାର୍ଟିର ମୁଖପତ୍ର ଫସାମ୍ୟବାଦୀ' ର ସମ୍ପାଦକ ଦାୟିତ୍ୱ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଥିଲେ । ନିୟମିତ ତାଙ୍କର ଲେଖନୀରୁ ଉପାଦେୟ ଲେଖାମାନ ପ୍ରକାଶ ପାଉଥିଲା । ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ଦୂର କରିବାକୁ ଚେଷ୍ଟା କରୁଥିଲେ । ଏହିଭଳି ଜଣେ ବର୍ଷିଆନ ଜନନାୟକଙ୍କ ଦେହାବସାନ ଓଡିଶା ପାଇଁ ଏକ ଗଭୀର ଶୂନ୍ୟସ୍ଥାନ ପୂରଣ କଲା । ସେ ଥିଲେ ଅଜାତ ଶତ୍ରୁ । ତାହା ହିଁ ପ୍ରମାଣିତ ହେଲା ତାଙ୍କର ମର ଶରୀର ଆଜି ପାର୍ଟିର ରାଜ୍ୟ ଦପ୍ତରରେ ପହଞ୍ଚିବା ପରେ । ରାଜନୈତିକମତ ଭିନ୍ନତା ସତ୍ତ୍ୱେ ସମସ୍ତ ଦଳର ନେତୃବୃନ୍ଦ ତାଙ୍କର ଶେଷ ଦର୍ଶନ ପାଇଁ ଆଜି ଅର୍ଥାତ୍ ମଇ ୨୪ ତାରିଖରେ ସି.ପି.ଆଇ.(ଏମ୍) ରାଜ୍ୟ ଦପ୍ତରରେ ପହଞ୍ଚିଥିଲେ । ଦଳ ମତ ନିର୍ବିଶେଷରେ ରାଜ୍ୟର ତୁଙ୍ଗ ରାଜନୈତିକ ନେତୃବୃନ୍ଦ ଏବଂ ବୁଦ୍ଧିଜିବୀ ବର୍ଗ ଶିବାଜୀ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ । ନିଜର ଜୀବଦଶା ମଧ୍ୟରେ ଜନଗଣଙ୍କର ସେବାରେ ନିୟୋଜିତ ରହିବା ପରେ ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ଓ ଗବେଷଣା ପାଇଁ ତାଙ୍କର ପାର୍ଥୀବ ଶରୀରକୁ ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଦାନ କରାଯାଇଥିଲା ଏ.ଆଇ.ଆଇ. ଏମ୍.ଏସ୍. ଭୁବନେଶ୍ୱର ପ୍ରତିଷ୍ଠାନକୁ । ସିପିଆଇ(ଏମ୍) ରାଜ୍ୟ ପରିସର ମଧ୍ୟରେ ଅନୁଷ୍ଠିତ ଆଜିକାର ଏହି ଶ୍ରଦ୍ଧା ନିବେଦନ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ପଲିଟ୍‌ବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ସିପିଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମ୍) ପ୍ରାକ୍ତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ନାୟକ, କଂଗ୍ରେସ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍-ଏଲ୍) ନେତା ଶ୍ରୀକାନ୍ତ ମହାନ୍ତି, ସିପିଆଇ(ଏମ୍-ଏଲ୍) ଲିବରେସନ୍ ରାଜ୍ୟର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ, ଆମ ଆଦମି ପାର୍ଟି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରାଧାକାନ୍ତ ସେଠୀ, ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ନେତ୍ରୀ ସ୍ୱୟଂ ପ୍ରଭା କର, କୃଷକ ନେତା ଲିଙ୍ଗରାଜ, ପରିବେଶ ବିତ୍ ପ୍ରଫୁଲ୍ଲ ସାମନ୍ତରା ସମେତ ଜଗନ୍ନାଥ ମିର୍ଶ, ସନ୍ତୋଷ ଦାସ, ଦୁଷ୍ମନ୍ତ ଦାସ, ସୁରେଶ ପାଣିଗ୍ରାହୀ , ଶିଶିର ହୁଇ, ନିର୍ମଳ ନାୟକ, ପୁଷ୍ପା ଦାଶ, ଜଗନ୍ନାଥ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପାତ୍ର, ଦେବୀ ପ୍ରସନ୍ନ ପଟ୍ଟନାୟକ, ରଙ୍ଗା ଚରଣ ପ୍ରଧାନ, ମହେନ୍ଦ୍ର ପରିଡା, ଯୁଗଳ ନାୟକ, ବିଧାୟକ ଶୁଶାନ୍ତ ରାଉତ, ଡଃ ଅଶ୍ୱିନୀ କୁମାର ମିଶ୍ର, ପ୍ରଫେସର କିଶୋର ସାମଲ , ପ୍ରଫେସର ବିଜୟ ବହିଦାର, ପ୍ରଫେସର ଅମୀୟ ମହାନ୍ତି, ପ୍ରଫୁଲ୍ଲ ଘଡେଇ, ତାପସୀ ପ୍ରହରାଜ, ଯତୀନ୍ ମହାନ୍ତି, କୈଳାସ ମିଶ୍ର, ସୁଧୀର ପଟ୍ଟନାୟକ, ବସନ୍ତ ମାଝୀ, ଯୁଧିଷ୍ଠିର ବେହେରା, ଦିବ୍ୟସିଂହ ନାୟକ, ଅନନ୍ତ ମଙ୍ଗରାଜ, ବଦ୍ରି ନାରାୟଣ ଦାଶ, ଲୋଭାକାନ୍ତ ସ୍ୱାଇଁ, ବିଜୟ ଜେନା, ଜଗନ୍ନାଥ ଦେଓ, ଗୋଲକ ମୁଦୁଲୀ , ସରୋଜ ନାୟକ, ରବି ନାରାୟଣ ମଲ୍ଲିକ, ପ୍ରଦୀପ୍ତ ନାୟକ, ଅଭିରାମ ବେହେରା, ଚାମ୍ପରୁ ସୋରେନ୍, ରବିନ୍ଦର ଟୁଡୁ, ପ୍ରଭାତ ପାଣିଗ୍ରାହୀ, ଅମୀୟ ପାଣ୍ଡବ, ଲଳିତ ପଟ୍ଟନାୟକ ପ୍ରମୁଖ ବହୁ ନେତୃବୃନ୍ଦ ତାଙ୍କର ମର ଶରୀର କୁ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray